# ଠାକୁରଗଡ଼ରେ ମା' ବିମଳା ଓ ଲକ୍ଷ୍ମୀଙ୍କ ବିଗ୍ରହ ପ୍ରତିଷ୍ଠା

● ଆଧ୍ୟାତ୍ମିକ ପରିବେଶରେ ନଗର ପରିକ୍ରମା ସମ୍ପନ୍ନ



କିଶୋରନଗର,୨୪।୪(ସମିସ): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଅଞ୍ଚଳରେ ଭକ୍ତିପୂତ ପରିବେଶରେ ମା' ବିମଳା ଓ ମା' ଲକ୍ଷ୍ମୀଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଆୟୋଜିତ ଭବ୍ୟ ନଗର ପରିକ୍ରମା କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। ଗୁରୁବାର ପୂର୍ବାହ୍ନରେ ଶତାଧିକ ମହିଳା ଓ ପୁରୁଷ ବିଶାଳ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ପାରମ୍ପରିକ ବାଦ୍ୟ, ଶଙ୍ଖଧ୍ୱନି ଓ ହୁଳହୁଳିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ପଣ୍ଡିତ ଅଶୋକ ମିଶ୍ର, ରିଙ୍କୁଲାଲ ମିଶ୍ର, ପ୍ରଶାନ୍ତ ମହାପାତ୍ର, ରୁଦ୍ରମୋହନ ମିଶ୍ର ଓ ନିର୍ମଳ ମିଶ୍ର ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା, ହୋମଯଜ୍ଞ ଓ ମନ୍ତ୍ରପାଠ ପୂର୍ବକ ମା'ଙ୍କ ବିଗ୍ରହ ପ୍ରତିଷ୍ଠା କରିଥିଲେ। କର୍ତ୍ତା ଭାବେ ବିଶ୍ୱରଞ୍ଜନ ଦେଓ ଓ ଭଗ୍ନୋଚାରୁ ଦେଓ ଦାୟିତ୍ୱ ସମ୍ପାଦନ କରିଥିଲେ। ଠାକୁରଗଡ଼ ଥାନା ଅଧିକାରୀ ଶିବଭୂଷଣ ବେହେରା, ମନୋଜ କୁମାର ବେହେରା, କେଶବ ସାହୁ, ଯଶୋବନ୍ତ ନାୟକ ଓ ହାବିଲଦାର ଦେବେନ୍ଦ୍ର କୁମାର ସାହୁ ଉପସ୍ଥିତ ରହି ଶୃଙ୍ଖଳା ରକ୍ଷାରେ ସହଯୋଗ କରିଥିଲେ। ମନ୍ଦିର ପରିଚାଳନା କମିଟିର ଶତ୍ରୁଘ୍ନ ସାହୁ, ସନ୍ତୋଷ କୁମାର ସାହୁ, ବସନ୍ତ କୁମାର ସାହୁ, ପୁରିଆ ସାହୁ, ସୁଜିତ କୁମାର ବେହୁରା, ମନୋଜ କୁମାର ରାଉତ, ଅର୍ଣ୍ଣିନୀ କୁମାର ଖୁଣ୍ଟିଆ, ନୀଳକଣ୍ଠ ରାଉତ, ସତ୍ୟବ୍ରତ ସେନାପତି, ଧନଞ୍ଜୟ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ହୋଇଥିଲା।

# ଡେରଙ୍ଗରେ ଚନ୍ଦନଯାତ୍ରା ଓ ଧଣ୍ଡାପୂଜା

କଣିହାଁ,୨୪।୪(ସମିସ): କଣିହାଁ ବ୍ଲକ ଡେରଙ୍ଗ ଗ୍ରାମରେ ୭୬ତମ ରାଧାକୃଷ୍ଣ ଚନ୍ଦନ ଯାତ୍ରା ମହୋତ୍ସବ ଓ ଧଣ୍ଡାପୂଜା ଅନୁଷ୍ଠିତ ହୋଇଛି। ଗୁରୁବାର ଅପରାହ୍ନ ସାଢ଼େ ୧ଟାରେ ଡେରଙ୍ଗ ଧବଳେଶ୍ୱର ଶିବ ମନ୍ଦିରରୁ ଧଣ୍ଡାପୂଜା ଆରମ୍ଭ ହୋଇଥିଲା। ଛଡିଚାରାଶ, ଘଣ୍ଟଘଣ୍ଟା, ମହୁରୀ, ଶଙ୍ଖଧ୍ୱନି, ଲୌଡ଼ି ବାଡ଼ି ଖେଳ ସହିତ ହରିବୋଲ ଧ୍ୱନିରେ ଗ୍ରାମ ପରିକ୍ରମା କରାଯାଇଥିଲା। ଶତାଧିକ ଗ୍ରାମବାସୀ ପଦ୍ମଯାତ୍ରାରେ ସାମିଲ ହୋଇ ଅପରାହ୍ନ ୨ଟାରେ ଚନ୍ଦନ ଯାତ୍ରା ପଡ଼ିଆରେ ପହଞ୍ଚିଥିଲେ। ପଡ଼ିଆରେ ଥିବା ରାଧାକୃଷ୍ଣ ମଣ୍ଡପରେ ପୁରୋହିତ ଗୁଲେଖ ଦାସ ଓ ବୃନ୍ଦାବନ ଦାସଙ୍କ ନେତୃତ୍ୱରେ ସୂର୍ଯ୍ୟପୂଜା ପରେ ୯ଟି କଳସରେ ପାଣିଆଣି ପୂଜା ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା।



ପୂର୍ବତନ ଗ୍ରାମ ସଭାପତି ଶିଶୁରାମ ଦାସ କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ। ସଭାପତି ପ୍ରସନ୍ନ ନାୟକ, ସମ୍ପାଦକ ସୁଜିତ ସାହୁ, କୋଷାଧ୍ୟକ୍ଷ ଦୀପକ ବେହେରାଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ସନ୍ଧ୍ୟା ୭ଟାରେ ରାଧାକୃଷ୍ଣଙ୍କ ଯୁଗଳ ବିଗ୍ରହ ପୂଜାର୍ଚ୍ଚନା ପରେ ଚନ୍ଦନ ଯାତ୍ରା ଆରମ୍ଭ ହୋଇଥିଲା। ଡେରଙ୍ଗ ମେଡିକାଲ୍ ଛକରୁ ବିଭିନ୍ନ ବାଦ୍ୟ, ଡିଜେ, ନୃତ୍ୟ ଓ ମେଲୋଡି ସହ ବିରାଟ ଶୋଭାଯାତ୍ରା ବାହାରିଥିଲା। ସୁସଜ୍ଜିତ ବିମାନରେ ରାଧାକୃଷ୍ଣଙ୍କ ଯୁଗଳ ପ୍ରତିମାକୁ ହାତୀ ଉପରେ ବସାଇ ଗ୍ରାମ ପରିକ୍ରମା କରାଯାଇଥିଲା। ରାତି ୧ଟା ୨୦ରେ ବିମାନ ଯାତ୍ରା ପଡ଼ିଆ ନାଟମଣ୍ଡପରେ ପହଞ୍ଚିଥିଲା। ଏହି ଯାତ୍ରାରେ ରାଜ୍ୟ ଓ ରାଜ୍ୟ ବାହାରୁ ୩୦ଟି ସୁସଜ୍ଜିତ ମେଢ଼ ଅଂଶଗ୍ରହଣ କରିଥିଲେ। କଣିହାଁ, ଛେଣ୍ଡିପଦା ଓ ପାଲଲହଡ଼ା ଅଞ୍ଚଳର ଭକ୍ତମାନେ ଯୋଗଦେଇଥିଲେ। ଶ୍ରଦ୍ଧାଳୁଙ୍କ ପାଇଁ ଜଳଛତ୍ର ଓ ଦହିପାଣି ବ୍ୟବସ୍ଥା କରାଯାଇଥିଲା। ଜରୁରୀ ସେବା ପାଇଁ କଣିହାଁ ସିଏଚସିର ଡା. ଦିଲୀପ କୁମାର ପ୍ରଧାନ ଓ ଜିନ୍ଦଲ ମେଡିକାଲ୍ ଟିମ୍ ଉପସ୍ଥିତ ଥିଲେ। କଣିହାଁ ଥାନା ପକ୍ଷରୁ ପୁଲିସ ମୁତୟନ କରାଯାଇଥିଲା। ଆଇଆଇସି ରମଣୀ ରଞ୍ଜନ ଦଳେଇ ଓ ଏସଆଇ ଜ୍ଞାନରଞ୍ଜନ ବେହେରାଙ୍କ ନେତୃତ୍ୱରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଓ ଜିନ୍ଦଲର ଭିପି ସୁଶେଷ କୁମାର ବଂଶଲ ଯୋଗଦେଇଥିଲେ। ଦର୍ଶକଙ୍କ ମନୋରଞ୍ଜନ ପାଇଁ ତୁଳସୀ ଗଣନାଟ୍ୟ ପକ୍ଷରୁ ୨୬ ତାରିଖ ପର୍ଯ୍ୟନ୍ତ ଯାତ୍ରା ପରିବେଷଣ କରାଯିବ ବୋଲି ଜଣାପଡ଼ିଛି।

# ଆଧ୍ୟାତ୍ମିକ ପତ୍ରିକା 'ମା ହିଙ୍ଗୁଳା' ଲୋକାର୍ପିତ

ତାଳଚେର,୨୪।୪(ସମିସ): ତାଳଚେର ବ୍ଲକ ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳା ପୀଠ ଉନ୍ନୟନ ପରିଷଦ ପକ୍ଷରୁ ପ୍ରକାଶିତ ବାର୍ଷିକ ଆଧ୍ୟାତ୍ମିକ ପତ୍ରିକା "ମା ହିଙ୍ଗୁଳା' ଲୋକାର୍ପିତ ହୋଇଛି। ସାଉଥବଲଣ୍ଡା ସାହିତ୍ୟ ଘର ପକ୍ଷରୁ ମହାବିଷୁବ ମିଳନ ଉତ୍ସବ ସ୍ଥାନୀୟ ଆଇଏନ୍‌ଟିୟୁସି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ସାହିତ୍ୟ ଘର ସଭାପତି ଶିଶୁ ସାହିତ୍ୟିକ ବିଭୂତି ଭୂଷଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶ୍ରମିକ ନେତା ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ. ପ୍ରଶାନ୍ତ କୁମାର ରଥ, ସମ୍ମାନିତ ଅତିଥି ଭାବେ ବର୍ଣ୍ଣାଳୀ ସାହିତ୍ୟ ସଂସଦ ସଭାପତି ଆଇନଜୀବୀ ଯଦୁମଣି ସାହୁ ପ୍ରମୁଖ ଯୋଗଦେଇଥିଲେ। ଅତିଥିଙ୍କ ଦ୍ୱାରା ପତ୍ରିକା ଲୋକାର୍ପିତ ହୋଇଥିଲା। ସାହିତ୍ୟ ଘର ସମ୍ପାଦକ କବି ତ୍ରିନାଥ ସାହୁ, କୋଷାଧ୍ୟକ୍ଷ ଅରୁଣ କୁମାର ରାଉତ, ସାଂଗଠନିକ ସମ୍ପାଦକ ପତିତପାବନ ପ୍ରଧାନ, ଯୁଗ୍ମ ସମ୍ପାଦକ ହରିହର ଭୁକ୍ତା ଓ ବିଭାବନା ସାହିତ୍ୟ ପତ୍ରିକାର ସମ୍ପାଦକ ମାନସ କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ମା' ହିଙ୍ଗୁଳା ପୀଠ ଉନ୍ନୟନ ପରିଷଦ ପକ୍ଷରୁ ଦୀର୍ଘ ୨୯ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ପ୍ରକାଶିତ ଏହି ଆଧ୍ୟାତ୍ମିକ ପତ୍ରିକାରେ ମା' ହିଙ୍ଗୁଳାଙ୍କ ସମ୍ପର୍କରେ ବହୁ ଅଜଣା ତଥ୍ୟ ସ୍ଥାନ ପାଇଥିବା ପରିଷଦ ପକ୍ଷରୁ କୁହାଯାଇଛି।



# ଏସ୍‌ସି-ଏସ୍‌ଟି ଫଣ୍ଡ କାମରେ ଅନିୟମିତତା ଅଭିଯୋଗ

କଣିହାଁ,୨୪।୪(ସମିସ)

କଣିହାଁ ବ୍ଲକ ବାଲିପୋଷି ପଞ୍ଚାୟତ କାଳିଆଦମା ଆଶ୍ରମ ବିଦ୍ୟାଳୟରେ ସରକାରୀ ଏସସି/ଏସଟି ଡେଭଲପମେଣ୍ଟ ଫଣ୍ଡ ଅଧୀନରେ ଚାଲିଥିବା କାର୍ଯ୍ୟରେ ଗୁରୁତର ଅନିୟମିତତା ହେଉଥିବା ଅଭିଯୋଗ ଉଠିଛି। ଏହାର ପ୍ରତିବାଦରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ସ୍ଥାନୀୟ ଗ୍ରାମବାସୀ ଗୁରୁବାର ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବରୁ ଏହି ଫଣ୍ଡରେ ହୋଇଥିବା କାର୍ଯ୍ୟରେ ନିର୍ଦ୍ଧାରିତ ନିୟମ ଓ ମାନଦଣ୍ଡ ଅନୁସରଣ କରାଯାଉଥିଲା। କିନ୍ତୁ ବର୍ତ୍ତମାନ ସେହି ପ୍ରକ୍ରିୟାକୁ ଅନୁସରଣ କରାଯାଉ ନ ଥିବାରୁ କାର୍ଯ୍ୟର ଗୁଣବତ୍ତା ଅତ୍ୟନ୍ତ ନିମ୍ନମାନର ହୋଇଛି। ଆଗାମୀ ଦିନରେ ଆସୁଥିବା ସମସ୍ତ ଏସସି/ଏସଟି ଫଣ୍ଡ କାର୍ଯ୍ୟକୁ



ଏସଏମସି ମାଧ୍ୟମରେ ପରିଚାଳନା କରିବାକୁ ସେମାନେ ଦାବି କରିଛନ୍ତି। ସ୍ଥାନୀୟ ସ୍ତରରେ ଦାୟିତ୍ୱବୋଧ ସହ କାର୍ଯ୍ୟ କରାଗଲେ ପାରଦର୍ଶିତା ବୃଦ୍ଧି ପାଇବା ସହ କାମର ଗୁଣବତ୍ତା ସୁନିଶ୍ଚିତ ହେବ ବୋଲି ମତବ୍ୟକ୍ତ କରିଛନ୍ତି। ଯଦି ଏସଏମସି ମାଧ୍ୟମରେ କାର୍ଯ୍ୟ ସମ୍ଭବ ନୁହେଁ, ତେବେ ସମସ୍ତ କାର୍ଯ୍ୟକୁ ସରକାରୀ ନିୟମାବଳୀ ଅନୁଯାୟୀ ସ୍ୱଚ୍ଛ ଓ ପାରଦର୍ଶୀ ଟେଣ୍ଡର ପ୍ରକ୍ରିୟାରେ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ପୂର୍ବରୁ ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ

## ଟେଣ୍ଡର ପ୍ରକ୍ରିୟା ଦାବିରେ ଗ୍ରାମବାସୀଙ୍କ ଧାରଣା

ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ସୂଚନା ପାଇ ରେଙ୍ଗାଲି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲା। ସମସ୍ୟା ଶୀଘ୍ର ସମାଧାନ ନ ହେଲେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଥିବାବେଳେ ପ୍ରଶାସନ ଏହି ମାମଲାକୁ ଗୁରୁତ୍ୱର ସହ ନେଇ ବିଦ୍ୟାଳୟର ଉନ୍ନତି ପାଇଁ ଶୀଘ୍ର ପଦକ୍ଷେପ ନେବ ବୋଲି ପରିଚାଳନା କମିଟି ଆଶାବ୍ୟକ୍ତ କରିଛି।

# ପ୍ରାରମ୍ଭିକ ଶିକ୍ଷକ ଶିକ୍ଷାନୁଷ୍ଠାନରେ ପାରମ୍ପରିକ ଖାଦ୍ୟମେଳା



କିଶୋରନଗର,୨୪।୪(ସମିସ): ସ୍ଥାନୀୟ ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷାନୁଷ୍ଠାନ ପରିସରରେ ପାରମ୍ପରିକ ଖାଦ୍ୟମେଳା ଅନୁଷ୍ଠିତ ହେଇଛି। ଭାରପ୍ରାପ୍ତ କିଶୋରନଗର ଥାନା ଅଧିକାରୀ ହରିକୃଷ୍ଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷକ ପ୍ରଶିକ୍ଷିକା ଶିବାନୀ ବେହେରା, ଶିକ୍ଷକ ପ୍ରଶିକ୍ଷକ ସୁବ୍ରତ କୁମାର ପାଣିଗ୍ରାହୀ, ଗ୍ରନ୍ଥାଗାରିକ ବିଭୂତି ଭୂଷଣ ମହାରଣା, କମ୍ପ୍ୟୁଟର ପ୍ରଶିକ୍ଷକ ସୂରଜ କୁମାର ନାୟକ ଯୋଗଦେଇ ଗୁରୁଛାତ୍ରଛାତ୍ରୀଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। କଳା ଶିକ୍ଷକ ପ୍ରଶିକ୍ଷକ କମଳ ଲୋଚନ ମହାନ୍ତ ପରିଚାଳନା କରିଥିଲେ। ଗୁରୁଛାତ୍ରଛାତ୍ରୀ ପାରମ୍ପରିକ ଓଡ଼ିଆ ଖାଦ୍ୟ ପ୍ରସ୍ତୁତ କରି ୧୨ଟି ଷ୍ଟଲରେ ପଦର୍ଶନ କରିଥିଲେ। ଗୁରୁଛାତ୍ର ହୃଷୀକେଶ ପଧାନ, ଆଦିତ୍ୟ କୁମାର ପ୍ରଧାନ, ପ୍ରିୟସୁନ୍ଦର ମୁଦୁଲି, ବର୍ଷାରାଣୀ ସାହୁ ଓ ଶ୍ୱେତପଦ୍ମା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ମା' ପାର୍ବତୀ ମନ୍ଦିର ଓ ହନୁମାନ ଯଜ୍ଞ ମଣ୍ଡପର ରତ୍ନମୁଦ ଉତ୍ସବ

କିଶୋରନଗର,୨୪।୪(ସମିସ): ଆଠମଲ୍ଲିକ ଉପଖଣ୍ଡ ହତାଶିମିଳି ଗ୍ରାମରେ ମା' ପାର୍ବତୀ ମନ୍ଦିର ଓ ହନୁମାନ ଯଜ୍ଞ ମଣ୍ଡପର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଛି। ସକାଳେ ପୁରୁଣା ଶିବ ମନ୍ଦିର ପୋଖରୀ ନିକଟରୁ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରି କଳସ ଯାତ୍ରା ପରେ କଳସ ସ୍ଥାପନ କରାଯାଇଥିଲା। ପରେ ଯଜ୍ଞକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୧୧ଟାରେ ମା' ପାର୍ବତୀ ମନ୍ଦିର ରତ୍ନମୁଦ ଉତ୍ସବ ହୋଇଥିଲା। ଏହି ଯଜ୍ଞରେ କର୍ତ୍ତା ଭାବେ ବୃନ୍ଦାବନ ବିଶ୍ୱାଳ ଓ ଧର୍ମପତ୍ନୀ ରାଧାରାଣୀ ବିଶ୍ୱାଳ କାର୍ଯ୍ୟ ନିର୍ବାହ କରିଥିଲେ। ପୂଜକ ସଞ୍ଜୟ ମିଶ୍ର, ସନ୍ତୋଷ ମିଶ୍ର, ପ୍ରସନ୍ନ ମିଶ୍ର, ପ୍ରୀତମ ରଥଙ୍କ ମନ୍ତ୍ରପାଠରେ ଗାଁ ପରିବେଶ ଭକ୍ତିମୟ ହୋଇଥଲା। ମିସ୍ତ୍ରି ମିଟୁ କଳସ, ଅଶୋକ ଦାସ, ବିପିନ ସାହୁ, ବଳି ସାହୁ ମନ୍ଦିର ତୋଳି ରତ୍ନମୁଦରେ ସହଯୋଗ କରିଥିଲେ। ସଭାପତି ଭରତ ଦେହୁରୀ ଓ ସମ୍ପାଦକ ପ୍ରବୀଣ ବିଶ୍ୱାଳଙ୍କ ନେତୃତ୍ୱରେ ହତାଶିମିଳି, ରାଣୀବନ୍ଧ ଓ ସଦାନନ୍ଦପୁର ଗ୍ରାମବାସୀଙ୍କ ସହଯୋଗରେ ଏହି ଉତ୍ସବ ଅନୁଷ୍ଠିତ ହୋଇଛି।

# ଅଙ୍ଗଦାନ ପାଇଁ ସମ୍ମତି ଦେଲେ ଡାକ୍ତର ଦମ୍ପତି



ଅନୁଗୋଳ,୨୪।୪(ସମିସ): ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜକୁ ପ୍ରଥମ ଥର ପାଇଁ ଅଙ୍ଗ ଦାନପାଇଁ ଏକ ଦମ୍ପତି ପଞ୍ଜୀକରଣ କରିଛନ୍ତି। ଅନୁଗୋଳ ସହର ନିକଟ ଖଲାରି ଗାଁର ଅବସରପ୍ରାପ୍ତ ରେଡିଓଲଜିଷ୍ଟ ଡା. ଗୋପାଳ ଚନ୍ଦ୍ର ତ୍ରିପାଠୀ ଏବଂ ତାଙ୍କ ପତ୍ନୀ ପ୍ରକୃତି ତ୍ରିପାଠୀ କଲେଜ ଯାଇ ମୃତ୍ୟୁ ପରେ ଅଙ୍ଗଦାନ କରିବାକୁ ସମ୍ମତିପତ୍ର ପ୍ରଦାନ କରିଛନ୍ତି। କଲେଜ ଛାତ୍ରଛାତ୍ରୀଙ୍କ ବାସ୍ତବ ଜ୍ଞାନର ଅଭିବୃଦ୍ଧି ପାଇଁ ଏହା ବିଶେଷ ସହାୟକ ହେବ ବୋଲି ଡା. ତ୍ରିପାଠୀ କହିଛନ୍ତି। ପଞ୍ଜୀକରଣ ବେଳେ କଲେଜ ଅଧ୍ୟକ୍ଷ ପ୍ରଫେସର କୀର୍ତ୍ତିରେଖା ମହାପାତ୍ର, ଆନାଟୋମି ବିଭାଗ ପ୍ରଫେସର ଡା. ସତ୍ୟଶ୍ରୀ ରାୟ ଏବଂ ସହକାରୀ ପ୍ରାଧ୍ୟାପକ ଡା. ମନୋଜ କୁମାର ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଡାକ୍ତର ଦମ୍ପତିଙ୍କ ଏହି ମହାନ କାର୍ଯ୍ୟ ପାଇଁ ସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି।

# ଅନୁଗୋଳ କଲେଜରେ କ୍ୟାରିୟର ପରାମର୍ଶ ଓ ନିଯୁକ୍ତି ଶିବିର

ଅନୁଗୋଳ,୨୪।୪(ସମିସ): ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୨୨ ତାରିଖ କ୍ୟାରିୟର ପରାମର୍ଶ ଓ ନିଯୁକ୍ତି ଶିବିର ଆୟୋଜିତ ହୋଇଛି। ରସାୟନ ବିଜ୍ଞାନ ସ୍ନାତକ ଛାତ୍ରଛାତ୍ରୀଙ୍କ ପାଇଁ ଶିବିର ଆୟୋଜିତ ହୋଇଥିଲା। ପ୍ରାରମ୍ଭରେ କଲେଜ ଅଧ୍ୟକ୍ଷ ଡ. ବସନ୍ତ ସାହୁ ଶିକ୍ଷାଗତ ଯୋଗ୍ୟତା ଓ ଶିଳ୍ପ କ୍ଷେତ୍ରରେ ନିଯୁକ୍ତିଗତ ଜ୍ଞାନର ଆବଶ୍ୟକତା ନେଇ ତୁଳନାତ୍ମକ ବିଚାର ପରାମର୍ଶ ଦେଇଥିଲେ। ଶକ୍ତି ସେକ୍ଟର୍‌ରେ ନାଁ କରିଥିବା ଲୁମିନସ ପାୱାର ଟେକ୍ନୋଲୋଜି ମାନବ ସମ୍ବଳ ବିଭାଗ ଏଜିଏମ୍ ଅଶୋକ ମିଶ୍ର ତାଙ୍କ କମ୍ପାନୀରେ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ପାଇଁ ଥିବା ନିଯୁକ୍ତି ସୁଯୋଗ ଓ ଆବଶ୍ୟକ କରୁଥିବା ବୃତ୍ତିଗତ ଦକ୍ଷତା ସମ୍ପର୍କରେ ଆଲୋକପାତ କରିଥିଲେ। ୧୪ ଛାତ୍ରଛାତ୍ରୀ କମ୍ପାନୀରେ ଭର୍ତ୍ତି ନେଇ ଆଗ୍ରହ କରିବା ସହ ସାକ୍ଷାତକାର ଦେବାକୁ ରାଜି ହୋଇଥିଲେ। ପ୍ରାଧ୍ୟାପିକା ଡ. ସ୍ମିତା ତପସ୍ୱିନୀ ଧନ୍ୟବାଦ ଅର୍ପଣ କରିଥିଲେ।

# ହାତୀ ଉପଦ୍ରବ ରୋକିବ ସୌରବାଡ଼

ଅନୁଗୋଳ,୨୪।୪(ସମିସ): ଅନୁଗୋଳ ବନଖଣ୍ଡ ଅନ୍ତର୍ଗତ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ହାତୀ ପ୍ରବେଶ ରୋକିବା ପାଇଁ ବନ ବିଭାଗ ପକ୍ଷରୁ ସୋଲାର ଫେନ୍ସିଂ ବା ସୌରଶକ୍ତି ଚାଳିତ ତାରବାଡ଼ ନିର୍ମାଣ କରାଯାଇଛି। ମଣିଷ ଓ ହାତୀ ମଧ୍ୟରେ ବଢ଼ୁଥିବା ସଂଘର୍ଷକୁ ହ୍ରାସ କରିବା ଏବଂ ଜନବସତିକୁ ସୁରକ୍ଷା ଦେବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ। ଏହି ପରିବେଶ ଅନୁକୂଳ



ବ୍ୟବସ୍ଥାରେ ସୌରଶକ୍ତି ମାଧ୍ୟମରେ ସାମାନ୍ୟ ବିଦ୍ୟୁତ୍ ଝଟକା (ପଲ୍ସ) ସୃଷ୍ଟି କରାଯାଏ, ଯାହା ହାତୀଙ୍କୁ କୌଣସି କ୍ଷତି ନ ପହଞ୍ଚାଇ ସେମାନଙ୍କୁ ଜନବସତି ମଧ୍ୟକୁ ଆସିବାରୁ ଦୂରେଇ ରଖିବାରେ ସହାୟକ ହେବ। ଏହାଦ୍ୱାରା ଚାଷୀଙ୍କ ଫସଲ ଓ ସମ୍ପତ୍ତି ସୁରକ୍ଷିତ ରହିବା ସହ ବନ୍ୟଜନ୍ତୁ ଓ ମଣିଷ ମଧ୍ୟରେ ସହଭାଗିତା ରକ୍ଷା କରାଯାଇପାରିବ। ବିଶେଷକରି ହାତୀ ଚଳପ୍ରଚଳ ସମୟରେ ଏହାର ନିୟମିତ ରକ୍ଷଣାବେକ୍ଷଣ କରାଯାଉଛି। ବନ ବିଭାଗର ଏହି ପ୍ରୟାସ ସ୍ଥାନୀୟ ବାସିନ୍ଦାଙ୍କ ଜୀବିକା ଓ ବନ୍ୟଜନ୍ତୁ ସଂରକ୍ଷଣ ଦିଗରେ ଦୃଢ଼ ପଦକ୍ଷେପ ବୋଲି କୁହାଯାଉଛି।

# ପଞ୍ଚାୟତର ବିକାଶ ପାଇଁ ବିଜେପିର ଦାବି



କିଶୋରନଗର,୨୪।୪(ସମିସ): ଆଠମଲ୍ଲିକ ଉପଖଣ୍ଡ କୃତିବାସପୁର ପଞ୍ଚାୟତ ବିଜେପି ଶକ୍ତି ପ୍ରମୁଖ ଲକ୍ଷ୍ମଣ କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ତ୍ରିନାଥ ଦେହୁରୀଙ୍କ ନେତୃତ୍ୱରେ ଶୁକ୍ରବାର ପଞ୍ଚାୟତର କାର୍ଯ୍ୟକର୍ତ୍ତାମାନେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ପଞ୍ଚାୟତର ବିକାଶ ଓ ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡ଼ିକ କିପରି ଲୋକଙ୍କ ପାଖରେ ପହଞ୍ଚି ପାରିବ ସେ ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଦାବି ଜଣାଇଛନ୍ତି। ଆଗକୁ ଉନ୍ନତିମୂଳକ କାମଗୁଡ଼ିକ ସଠିକଭାବେ କରିବାକୁ ଆଲୋଚନା କରିଥିଲେ। ୨୦୨୩ରୁ ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ସରକାରୀ ଟଙ୍କା କେଉଁଠାରେ କେତେ ବିନିଯୋଗ ହୋଇଛି ତାହାର ସବିଶେଷ ବିବରଣୀ ଦେବାକୁ ଦାବି କରିଥିଲେ।

# ଅଙ୍ଗନବାଡ଼ି ପୁନର୍ଗଠନ ମାଧ୍ୟମରେ ସାମୁଦାୟିକ ବିକାଶକୁ ଧ୍ୟାନ

ତାଳଚେର,୨୪।୪(ସମିସ): ଏନଟିପିସି ତାଳଚେର ଥର୍ମାଲ୍ ସନ୍ଥପଡ଼ା, ବନ୍ତୋଲ, ଜଗନ୍ନାଥପୁର ଏବଂ ଗୁରୁଜାଙ୍ଗୁଲିର ଚାରିଟି ପଞ୍ଚାୟତରେ ୯ଟି ଅଙ୍ଗନବାଡ଼ି କେନ୍ଦ୍ରକୁ ଅପଗ୍ରେଡ୍ ଏବଂ ଆନୁଷ୍ଠାନିକ ଭାବେ ହସ୍ତାନ୍ତର କରିଛି। ଯାହା ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପ୍ରାରମ୍ଭିକ ଶିଶୁଯତ୍ନ ଏବଂ ଶିକ୍ଷାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ବର୍ତ୍ତମାନ ୮ଟି ଅତିରିକ୍ତ କେନ୍ଦ୍ର ନିର୍ମାଣାଧୀନ ଅଛି, ଯାହା ଏହି ପଦକ୍ଷେପ ଅଧୀନରେ ମୋଟ ଅଙ୍ଗନବାଡ଼ି ସଂଖ୍ୟା ୧୭କୁ ନେଇଛି। ଏପ୍ରିଲ ୨୧ ଓ ୨୨ ତାରିଖ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଜୟଚାନ୍ଦ, ମହାପ୍ରବନ୍ଧକ (ପ୍ରକଳ୍ପ) ପ୍ରବୀର କୁମାର, ରୋହିତ କୁମାର, ଏସ୍‌ସି ବେହେରା ପ୍ରମୁଖ ବରିଷ୍ଠ ଅଧିକାରୀଙ୍କ ସହ ସନ୍ଥପଡ଼ା, ବନ୍ତୋଲ, ଜଗନ୍ନାଥପୁର ଏବଂ ଗୁରୁଜାଙ୍ଗୁଲି ଗ୍ରାମ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରିଛନ୍ତି। ସ୍ଥାନୀୟ ପ୍ରତିନିଧି, ଅଧିକାରୀ, ଅଙ୍ଗନବାଡ଼ି କର୍ମୀ, ସରପଞ୍ଚ



ଏବଂ ସମ୍ପ୍ରଦାୟର ସଦସ୍ୟଙ୍କ ଉପସ୍ଥିତିରେ ତାଳଚେର ଥର୍ମାଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଚାନ୍ଦ ଏହି ହସ୍ତାନ୍ତର ଉତ୍ସବର ନେତୃତ୍ୱ ନେଇଥିଲେ। ଶିଶୁଙ୍କୁ ସ୍କୁଲ ବ୍ୟାଗ ବଣ୍ଟନ କରାଯାଇଛି। ସମାବେଶକୁ ସମ୍ବୋଧିତ କରି ସେ ପିଲାଙ୍କ ଜ୍ଞାନାତ୍ମକ କ୍ଷମତା, ସାମାଜିକ ଆଚରଣ ଏବଂ ସାମଗ୍ରିକ ବ୍ୟକ୍ତିତ୍ୱ ବିକାଶରେ ଗୁଣାତ୍ମକ ପ୍ରାରମ୍ଭିକ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

# ଲଘୁ ଖଣିଜ ଚୋରାଚାଲାଣ ବିରୋଧରେ ଚଢ଼ଉ



ପାଲଲହଡ଼ା,୨୪।୪(ସମିସ): ପାଲଲହଡ଼ା ଉପଖଣ୍ଡ ପ୍ରଶାସନ ପକ୍ଷରୁ ଲଘୁ ଖଣିଜ ଚୋରାଚାଲଣ ବିରୋଧରେ ମିଳିତ ଚଢ଼ଉ କରାଯାଇଛି। ତାଳଚେର ଖଣି ବିଭାଗ, ଜଙ୍ଗଲ ବିଭାଗ, ପୁଲିସ ଏବଂ ରାଜସ୍ୱ ବିଭାଗ ଅଧିକାରୀମାନେ ଚଢ଼ଉରେ ସାମିଲ ହୋଇଥିଲେ। ତହସିଲଦାର ଆକାଂକ୍ଷା ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ତହସିଲଦାର ମଦନ ମୋହନ ଜେନା ଚଢ଼ଉର ନେତୃତ୍ୱ ନେଇଥିଲେ। ଚଢ଼ଉ ବେଳେ କନ୍ତଲା ରାଜସ୍ୱ ମଣ୍ଡଳ ଅନ୍ତର୍ଗତ ରାଇପାଳ ବେଆଇନ ବାଲିଘାଟରୁ ଗୋଟିଏ ଚୋରା ବାଲି ବୋଝେଇ ଟ୍ରାକ୍ଟର ଏବଂ କୁଞ୍ଜାମ ରାଜସ୍ୱ ମଣ୍ଡଳ ଅନ୍ତର୍ଗତ ମୌଜା କୁଞ୍ଜାମର ନବନିର୍ମିତ ସେତୁ ନିକଟରୁ ତିନିଟି ମାଟି ବୋଝେଇ ଗାଡ଼ି ଜବତ କରାଯାଇ ପାଲଲହଡ଼ା ଥାନା ଏବଂ ଖମାର ଥାନା ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି। ଚଢ଼ଉରେ କନିଷ୍ଠ ଖଣି ଅଧିକାରୀ ସିଦ୍ଧାନ୍ତ ବେହେରା, ରଶ୍ମିରଞ୍ଜନ ଦେହୁରୀ, ଶ୍ରୀବନ କୁମାର ବେହେରା, ଫରେଷ୍ଟ ଗାର୍ଡ ଯଶୋବନ୍ତ ଦାସ ଏବଂ ପୁଲିସ କନଷ୍ଟେବଳ ବିଭୂତି ଭୂଷଣ ନାୟକ ସାମିଲ ଥିଲେ। ଆଗାମୀ ଦିନରେ ମଧ୍ୟ ଏପରି ଚଢ଼ଉ ଜାରି ରହିବ ବୋଲି ତହସିଲଦାର ମହାପାତ୍ର କହିଛନ୍ତି।

# ବଜାରରେ ବିକ୍ରି ହେଉଥିବା ଜଳର ଶୁଦ୍ଧତା ଉପରେ ପ୍ରଶ୍ନ

ତାଳଚେର,୨୪।୪(ସମିସ): ଗ୍ରୀଷ୍ମଋତୁରେ ବଢ଼ି ଚାଲିଛି ପାଣି ଚାହିଦା। ଜନସଂଖ୍ୟା ସହ ଭୌଗୋଳିକ ସ୍ଥିତି ଅନୁଯାୟୀ ବ୍ୟବସାୟିକ ପ୍ରତିଷ୍ଠାନ ସଂଖ୍ୟା ବି ଆଶାତୀତ ଭାବେ ବୃଦ୍ଧି ପାଇଛି। ବିଭିନ୍ନ ଗ୍ରାମାଞ୍ଚଳରୁ ସହରକୁ ଦୈନିକ ହଜାର ହଜାର ଲୋକଙ୍କ ଆତଯାତ ଲାଗି ରହିଛି। ପନିପରିବାଠାରୁ ବିଭିନ୍ନ ଦ୍ରବ୍ୟ କ୍ରୟ ବିକ୍ରୟ ସକାଶେ ସକାଳୁ ରାତିଯାଏ ସହରରେ ଗହଳି ଲାଗି ରହୁଛି। ଔଷଧପତ୍ର, ଖାଦ୍ୟପଦାର୍ଥ ଓ ବିଶୁଦ୍ଧ ପାନୀୟଜଳ ଆଦି ଅତ୍ୟାବଶ୍ୟକ ସେବାରେ ଅନ୍ତର୍ଭୁକ୍ତ ଥିବା ବେଳେ ଏବେ ନକଲି ବ୍ରାଣ୍ଡର ପାଣି ବ୍ୟବସାୟୀଙ୍କ ପୁଷମାସ ପାଲଟିଛି। ବ୍ୟବସାୟ ବଢ଼ିବା ଯୋଗୁଁ ଦିନକୁ ଦିନ ନକଲି ବ୍ରାଣ୍ଡର ପାଣି ବୋତଲ ବିକ୍ରି ମଧ୍ୟ ବୃଦ୍ଧି ପାଇଥିବା ବେଳେ ଏହି ଅବାଧ କାରବାର ସହରରେ ମୁଖ୍ୟ ରାସ୍ତାଗୁଡ଼ିକ ସମେତ ବିଭିନ୍ନ ଗଳିକନ୍ଦିରେ ଥିବା ଚା' ପାନ ଦୋକାନ,



ଜଳଖିଆ ଦୋକାନ, ହୋଟେଲ, ରେଷ୍ଟୁରାଣ୍ଟ ଓ ଫାଷ୍ଟଫୁଡ୍ ଦୋକାନଗୁଡ଼ିକରେ ବହୁଳ ଭାବେ ନକଲି ବ୍ରାଣ୍ଡର ପାଣିବୋତଲ ଏବଂ ପାଣି ଜାରକିନ୍ ଖୁଲମଖୁଲା ଉପଲବ୍ଧ ହେଉଛି। ଗ୍ରାମାଞ୍ଚଳରେ ମଧ୍ୟ ଏଭଳି ନକଲି ବ୍ରାଣ୍ଡର ପାଣି ବୋତାଲ ସହ ନିଷିଦ୍ଧ ପାଣିପାଉଚ ମିଳୁଛି। କିଛି ହାତଗଣତି ପାଣି ଫ୍ୟାକ୍ଟ୍ରି ସଚେତନତା ଓ ସତର୍କତା ପୂର୍ବକ ବିଶୁଦ୍ଧ ଗୁଣବତ୍ତା ସମ୍ପନ୍ନ ପାଣି ପ୍ରସ୍ତୁତ କରୁଥିବା ବେଆଇନ୍ ଭାବେ ଏବେ ଛତୁ ଫୁଟିଲା ଭଳି ମାଳମାଳ ନକଲି ବ୍ରାଣ୍ଡର ପାଣି ବୋତଲ ପ୍ରସ୍ତୁତକାରୀ ବ୍ୟବସାୟୀ ମୁଣ୍ଡ ଟେକିଥିବା ଜଣାପଡ଼ିଛି। ସ୍ଥାନୀୟ ସହର ସମେତ ଆଖାପାଖ ଅଞ୍ଚଳରେ ଏଭଳି ଅସାଧୁ କାରବାର ଚେରଲମ୍ବିଥିବାବେଳେ ସିଧାସଳଖ ଗ୍ରାହକ ଠକାମୀର ଶିକାର ହେଉଛନ୍ତି। ତେବେ ପ୍ରଶାସନର ତଳିଆ କର୍ମଚାରୀଙ୍କଠାରୁ ଆରମ୍ଭକରି ବଡ଼ ଅଧିକାରୀ ଯାଏ ସବୁ ଜାଣି ନ ଜାଣିଲା ପରି ଅଭିନୟ କରୁଛନ୍ତି। ପ୍ରଶାସନ ନିଷ୍କ୍ରିୟତାର ଫାଇଦା ନେଇ ନକଲି ପାଣି ପ୍ରସ୍ତୁତକାରୀ ବ୍ୟବସାୟୀ ଆଇନକାନୁନକୁ ଦଳିମକଚି ବେପାର ଚଳାଇଛନ୍ତି। ବିପୁଳ ଟିକସ ଫାଙ୍କି ଦୈନିକ ହଜାର ହଜାର ଟଙ୍କାର କଳା ବ୍ୟବସାୟ କାୟା ବିସ୍ତାର କରିଥିବା ବେଳେ ନକଲି ବ୍ରାଣ୍ଡ ଏବେ ଅସଲି ବିଶୁଦ୍ଧ ପାଣି ବୋତଲ ରୂପେ ପରିଚୟ ସୃଷ୍ଟି କରିଛି। ଜନସାଧାରଣଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଜିଲ୍ଲା ଓ ସ୍ଥାନୀୟ ପ୍ରଶାସନ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।



# ସରିଲା ଅକ୍ଷୟ ତୃତୀୟା, ଚାଷୀଙ୍କୁ ମିଳିଲାନି ବିହନ

ରାଜକନିକା,୨୪।୪(ସମିସ)




କୃଷି ଓ କୃଷକର ସ୍ୱାର୍ଥରେ ନିୟୋଜିତ ରାଜକନିକାର କୃଷି ବିଭାଗର ଚାଷୀଙ୍କ ପ୍ରତି ସାମାନ୍ୟତମ ଦରଦ ନାହିଁ। ଅକ୍ଷୟ ତୃତୀୟାରେ ଚାଷୀ ଅକ୍ଷିମୁଠି ଅନୁକୂଳ କରିଥିଲେ ହେଁ ବିହନ ମିଳି ନ ଥିବା ଅଭିଯୋଗ ହେଉଛି। ବ୍ଲକ କୃଷି କାର୍ଯ୍ୟାଳୟରେ କୌଣସି ଚାଷ ସମ୍ପର୍କିତ ଯୋଜନା ନାହିଁ। ଏ ସମ୍ପର୍କରେ ଚାଷୀ ପଚାରିଲେ ଆମର ଏଠି କିଛି ନାହିଁ। ସବୁ ଜିଲ୍ଲାରେ ଓ କେଭିକେରେ ହେଉଛି ବୋଲି କୁହାଯାଇଛି।

ଅକ୍ଷୟ ତୃତୀୟା ପୂର୍ବରୁ ଚାଷୀଙ୍କୁ ଖରିଫ ଧାନ ବିହନ ମିଳିବା କଥା। ବିହନ ତ ମିଳିନାହିଁ, ଚାଷୀଙ୍କୁ କିଏ କେମିତି, କେଉଁ ଜାଗାରେ କେତେବେଳେ କେଉଁ ଆଧାରରେ ବିହନ ମିଳିବ, ତାହା ମଧ୍ୟ ସ୍ପଷ୍ଟ ନାହିଁ। ଏଠାରେ ଥିବା ବର୍ତ୍ତମାନର ବ୍ଲକ୍ ଏଗ୍ରିକଲଚର ଅଫିସର (ବାଓ) ହୁଅନ୍ତୁ କି ଆସିଷ୍ଟାଣ୍ଟ ଏଗ୍ରିକଲଚର ଅଫିସର (ଏଏଓ) କିମ୍ବା ବ୍ଲକ୍ ଟେକ୍ନୋଲୋଜି ମ୍ୟାନେଜର (ବିଟିଏମ) କେହି ଚାଷୀ କଥା ନ ଭାବି ଚାଷୀଙ୍କ ଯୋଜନାରୁ କେତେ ନିଜ ପାଇଁ ଲାଭ ମିଳିବ, ସେହି ବାଟରେ ମାତିଛନ୍ତି। ରବିଋତୁର ମୁଗ ବିହନ ଏବେ ମୁଗ ଅମଳ ଯାଏ ମଧ୍ୟ ବଣ୍ଟା ନ ହେବା ଭଳି ସ୍ଥିତିରେ ଥିବାରୁ ଖରିଫ ଧାନ ବିହନ କଥା କିଏ ବା ପଚାରେ। କେବଳ ଚାକିରି କରିବା ଲକ୍ଷ୍ୟରେ ଏଠାରେ ଅବସ୍ଥାପିତ ବାଓ, ଏଏଓ ଓ ଭିଏଡବ୍ଲ୍ୟୁଙ୍କ ଭଳି ବିଟିଏମ ଘଣ୍ଟା କଣ୍ଟା ଦେଖି ଅଫିସ ଆସିବା ଓ ଦୁଇ ଘଣ୍ଟା ବିତାଇ ଘରକୁ ଫେରିବା ଅଭ୍ୟାସ ଚାଷୀଙ୍କ ଭରସା ବୁଡାଇ ଦେଇଛି। ପ୍ରତି ସରକାରୀ ଯୋଜନାରୁ ଫାଇଦା ଲୁଟୁଥିବା ବାଓ, ଏଏଓ ଓ ବିଟିଏମଙ୍କୁ ଏଠାରୁ ବଦଳି କରିବାକୁ ଦାବି ହୋଇଛି। ଯଦିଓ ଏଏଓ ଜଣକ ଏଠାରେ ନୂଆ ତେବେ ସବୁ କାମରେ ବାଓ ଓ ବିଟିଏମ ତାଙ୍କୁ ପ୍ରଭାବିତ କରି ଚାଲିଥିବା ଚାଷୀ ଅଭିଯୋଗ କରିଛନ୍ତି। ଏଏଓରୁ ବାଓ ଚାର୍ଜରେ ଥିବା ବ୍ୟକ୍ତି ଏଠାରେ ୪ ବର୍ଷରୁ ଊର୍ଦ୍ଧ୍ୱ ଦିନ ଡେରା ପକାଇ ରହିବା, କୃଷି ବିଭାଗର ଓଭରସିଅର ଜଣକ ରାଜକନିକା ବ୍ଲକ ବରୁଣା ଗାଁର ବାସିନ୍ଦା। ଏଠାରେ ନିଜ ବ୍ଲକରେ ୩ ବର୍ଷ ଚାକିରି କରିବା ଭଳି ଅନିୟମିତତା ବ୍ଲକ୍ କୃଷି ବିଭାଗର କେଳେଙ୍କାରୀକୁ ବଢ଼ାଇ ଦେଇଛି। ଜଣେ କର୍ମଚାରୀ ନିଜ ବ୍ଲକ ହେଡ୍‌କ୍ୱାଟରଠାରୁ ଅନ୍ୟୁନ ୩୦ କିମି ଦୂରରେ ଚାକିରି କରିବାର ପ୍ରାବଧାନ ଥିବାବେଳେ କେଉଁ ଯୁକ୍ତିରେ ଓଭରସିଅର ନିଜ ବ୍ଲକରେ ୩ ବର୍ଷ ଚାକିରି କରୁଛନ୍ତି, ତାହା ସନ୍ଦେହ ସୃଷ୍ଟି କରିଛି। ଜିଲ୍ଲାପାଳ ରାଜକନିକା କୃଷି ବିଭାଗରେ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଡେରା ପକାଇଥିବା ବାଓ ଓ ଓଭରସିଅରଙ୍କୁ ଏଠାରୁ ତୁରନ୍ତ ବଦଳି କରିବାକୁ ଦାବି ହୋଇଛି।

## ମିଲେନିୟମ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ରାଜକନିକା,୨୪।୪(ସମିସ): ଅନୀତା ଫାଉଣ୍ଡେସନ ଟ୍ରଷ୍ଟ ପରିଚାଳିତ ରାଜକନିକା ବ୍ଲକର ଅଗ୍ରଣୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ମିଲେନିୟମ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଶିଶୁଆଠାରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପଙ୍କଜ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଇଓ ରତିକାନ୍ତ ସେନାପତି ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ରାଜକନିକା ମେଡିକାଲ ଅଫିସର ବାଦଲ ମହାନ୍ତି ଯୋଗଦେଇ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ଓ ଗୁଣାତ୍ମକ ଶିକ୍ଷା ସମ୍ପର୍କରେ ଅଭିଭାବକ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟଅତିଥି ବିଇଓ ଚାପମୁକ୍ତ ଶିକ୍ଷାର ବିଭିନ୍ନ ଉଦାହରଣ ଦେଇ ପିଲାଙ୍କୁ ମାନସିକ ଭାବେ ପୁଷ୍ଟ କରିବାକୁ କହିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଭାଇସ ପ୍ରିନ୍ସିପାଲ ସୁଷମା ଦାଶ ଯୋଗଦେଇ ବିଦ୍ୟାଳୟ ଡାଇରେକ୍ଟର ଜୟନ୍ତ ବଳଙ୍କ ଉଦ୍ୟମରେ ଏହାକୁ ଶୀର୍ଷରେ ପହଞ୍ଚିବାର ଲକ୍ଷ୍ୟରେ ଚେୟାରମ୍ୟାନ ସରସ୍ୱତୀ ବଳଙ୍କ ପ୍ରେରଣା ବିଦ୍ୟାଳୟକୁ ଉନ୍ନତିରେ ଆଗେଇ ନେଉଥିବା କହିଥିଲେ। ଏ ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସନ୍ଥ ସଦାମ ବାଈଙ୍କ ଜନ୍ମୋତ୍ସବ



ରାଜକନିକା,୨୪।୪(ସମିସ): ଓଲାଭର ପଞ୍ଚାୟତର ଦେଉଳସାହି ଗ୍ରାମର ମାଳିକା ବର୍ଣ୍ଣିତ ଶ୍ରୀଶ୍ରୀ ସନ୍ଥ ମହାପୁରୁଷ ସୁଦାମ ବାଈଙ୍କ ଜନ୍ମୋତ୍ସବ ପାଳିତ ହୋଇଛି। ମହାପୁରୁଷଙ୍କ ଜନ୍ମ ଉତ୍ସବ କାହିଁ କେଉଁ କାଳରୁ ପାଳନ ହୋଇଆସୁଛି। ଦେଉଳସାହିରେ ଭଜନ କୀର୍ତ୍ତନ ସହିତ ସମସ୍ତ ରୀତିନୀତି ପାଳନ ହେଉଛି। ଏଭଳି ଜଣେ ଦିବ୍ୟ ପୁରୁଷଙ୍କ ପୀଠ ଅବହେଳିତ ହୋଇପଡିଥିବାରୁ ପୁନରୁଦ୍ଧାର ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ମା' ତାରିଣୀ ମହିଳା ଆରୋଗ୍ୟ ସମିତି ପକ୍ଷରୁ ଦହିପାଣି ବଣ୍ଟନ

ପଟ୍ଟାମୁଣ୍ଡାଇ,୨୪।୪(ସମିସ): ପ୍ରବଳ ଗ୍ରୀଷ୍ମ ପ୍ରବାହରେ ପଥଚାରୀଙ୍କୁ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ୧୦ନଂ ୱାର୍ଡସ୍ଥ ମା'



ତାରିଣୀ ମହିଳା ଆରୋଗ୍ୟ ସମିତି ପକ୍ଷରୁ ଦହି ପାଣି ବଣ୍ଟନ କରାଯାଇଛି। ମହିଳା ସମିତି ସଭାପତି ବବିତା ମଲିକ, ସମ୍ପାଦକ ଆଶା କର୍ମୀ ଶୋଭାଗିନୀ ମଲିକଙ୍କ ନେତୃତ୍ୱରେ ମମତା ମଲିକ, ମଣିମାଳା ମଲିକ, ରଶ୍ମିତା ମଲିକ, ମଞ୍ଜୁଲତା ମଲିକ, ସରସ୍ୱତୀ ମଲିକ, ମମତା ମଲିକ, ମିତା ମଲିକ, ସୁନୀତା ମଲିକ ପ୍ରମୁଖ ଯୋଗଦେଇ ଲୋକଙ୍କୁ ଦହି ପାଣି ବଣ୍ଟନ କରିଥିଲେ। ୧୦ନଂ ୱାର୍ଡ କାଉନସିଲର ବିଦ୍ୟାଧର ସେଠୀ, ବିଜେପି ନେତା ମିଟୁ ମନୋଜ ନାୟକ, ୱାର୍ଡ ସଭାପତି ଆଡଭୋକେଟ ଶିଶିର ମଲିକ ଯୋଗଦେଇ ଉତ୍ସାହିତ କରିଥିଲେ।

## ଶ୍ରୀରାମ ମନ୍ଦିର ରାମଲୀଳା ଉଦ୍‌ଯାପିତ

ପଟ୍ଟାମୁଣ୍ଡାଇ,୨୪।୪(ସମିସ): ଶ୍ରୀରାମ ମନ୍ଦିର ପଡ଼ିଆରେ ପଟ୍ଟାମୁଣ୍ଡାଇ ମା' ବୁଢ଼ୀ ବାସୁଳାଇ ରାମଲୀଳା ଯାତ୍ରା କମିଟି



ପକ୍ଷରୁ ଚାଲିଥିବା ରାମଲୀଳା ଉଦ୍‌ଯାପିତ ହୋଇଛି। ରାବଣ ବଧ ଓ ଶ୍ରୀରାମଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ, ରାଜ୍ୟାଭିଷେକ ସହିତ ରାମଲୀଳା ଯାତ୍ରା ଉତ୍ସବ ସମାପ୍ତ ହୋଇଛି। ମା' ବୁଢ଼ୀ ବାସୁଳାଇ ରାମଲୀଳା ଯାତ୍ରା କମିଟି ମୁଖ୍ୟ ପରିଚାଳକ ଥାନପତି ରବୀନ୍ଦ୍ର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ରାମଲୀଳା ଯାତ୍ରା ଉତ୍ସବକୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ଶ୍ରୀମତୀ ବନ୍ଦନା ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଉଦଘାଟନୀ ଉତ୍ସବରେ ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ ବିଶିଷ୍ଟ ଅତିଥି, ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାମାୟଣର ପୌରାଣିକ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ମା' ବୁଢ଼ୀ ବାସୁଳାଇ ରାମଲୀଳା ଯାତ୍ରା କମିଟିର ବରିଷ୍ଠ ସଭ୍ୟ ଫକିର ସେଠୀ, ପ୍ରଦୀପ ସାହୁ, କୈଳାସ ମଲିକ, ସୁନାକର ମଲିକ, ନୟନ ମଲିକ, ଭିକାରୀ ରାଉତ, କୃଷ୍ଣଚନ୍ଦ୍ର ବିଶ୍ୱାଳ, ଚିତ୍ତ ରଞ୍ଜନ ସେଠୀ ପ୍ରମୁଖ ପରିଚାଳନା କରିଥିଲେ। ମହାକାଳପଡ଼ା ଚନ୍ଦନପୁର ମହାଲକ୍ଷ୍ମୀ ରାମ ନାଟ୍ୟର କଳାକାର ଯାତ୍ରା ପରିବେଷଣ କରିଥିଲେ।

## ବାଲୁଙ୍କେଶ୍ୱରଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ଡେରାବିଶ,୨୪।୪(ସମିସ): ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁରସ୍ଥ ବାଲୁଙ୍କେଶ୍ୱର ଓ ମହାବୀର ମନ୍ଦିର



ପ୍ରାଙ୍ଗଣରେ ୨୧ତମ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଛି। ଏହି ଯଜ୍ଞରେ କର୍ତ୍ତା ଭାବେ ସୀତାକାନ୍ତ ମହାନ୍ତି ଓ ଜୟନ୍ତୀ ମହାନ୍ତି କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପୂଜକ ଚନ୍ଦ୍ରଶେଖର ମିଶ୍ର, ଅନୁଷ୍ଠାନର କର୍ମକର୍ତ୍ତା ବେଣୁଧର ପ୍ରଧାନ, ଦୀପ୍ତିକାନ୍ତ ସାହୁ, ଭଞ୍ଜନ ମହାନ୍ତି, ପ୍ରଭାକର ଦାଶ, ରଞ୍ଜନ ଘଡ଼େଇ, ଦେବେନ୍ଦ୍ର ତ୍ରିପାଠୀ, ସନାତନ ଦାସ, ସନାତନ ବାହାଲିଆ, ସ୍ନେହାଶିଷ ବାହାଲିଆଙ୍କ ସମେତ ଯଜ୍ଞ କମିଟିର କର୍ମକର୍ତ୍ତା ପରିଚାଳନା କରିଥିଲେ।

### ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ

## ଗ୍ରାମାଞ୍ଚଳର ଉନ୍ନତି ଉପରେ ଗୁରୁତ୍ୱାରୋପ

କେନ୍ଦ୍ରାପଡ଼ା,୨୪।୪(ସମିସ): ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟସ୍ଥ ଇଣ୍ଡୋର ଷ୍ଟାଡ଼ିୟମରେ ଜିଲ୍ଲାସ୍ତରୀୟ ଉତ୍ସବ ପାଳିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗ୍ରାମୀଣ ଶାସନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯିବାକୁ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲାପାଳ ରଘୁରାମ ଆର୍. ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ ପଞ୍ଚାୟତିରାଜ



ପ୍ରଣାଳୀର ଭୂମିକାକୁ ଉଦ୍ଧାର କରି କହିଥିଲେ ଯେ, ପଞ୍ଚାୟତିରାଜ ବ୍ୟବସ୍ଥା ଗ୍ରାମାଞ୍ଚଳ ବିକାଶର ଭିତ୍ତିସ୍ତମ୍ଭ। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟଜଳ ସୁବିଧାରେ ହୋଇଥିବା ଉନ୍ନତି ଏହି ବ୍ୟବସ୍ଥାର କାର୍ଯ୍ୟକ୍ଷମତାର ପ୍ରମାଣ ବୋଲି ମତ ପ୍ରକାଶ କରିଥିଲେ। ସେ ଆହୁରି କହିଥିଲେ, ସରକାରୀ ଯୋଜନା ସଠିକ୍ ଭାବେ ତଳସ୍ତରରେ ପହଞ୍ଚାଇବା ପାଇଁ ସମସ୍ତ ପଞ୍ଚାୟତ ପ୍ରତିନିଧିଙ୍କ ଦାୟିତ୍ୱ ଅଧିକ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏ ଅବସରରେ ୯ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ସେହିପରି ୫ ଜଣ ଲାଭାନ୍ୱିତଙ୍କୁ ୭୦,୦୦୦ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ ଓ ୬ ଜଣଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ବଣ୍ଟନ କରାଯାଇଥିଲା। ବିଡିଓ ଅଭିଷେକ ସ୍ୱାଇଁ, ଏବିଡିଓ ଅନିରୁଦ୍ଧ ବେହେରା, ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ଜନପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ଜିଲ୍ଲାର ଅନ୍ୟ ୮ ଟି ବ୍ଲକରେ ମଧ୍ୟ ଏହି ଦିବସ ଉତ୍ସାହର ସହ ପାଳିତ ହୋଇଥିଲା।

## ୧୩୬ ହିତାଧିକାରୀଙ୍କୁ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ

ଗରଦପୁର,୨୪।୪(ସମିସ): ଗରଦପୁର ବ୍ଲକ ପରିସରରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଛି। ଗ୍ରାମୀଣ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଓ ଲୋକ ସହଭାଗିତାକୁ ବଢ଼ାଇବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏ ଅବସରରେ ୧୩୬ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଡିଓ ଆଲୋକ ସେଠୀ, ଏବିଡିଓ ସଂଜୟ ଦାସ, ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ, ସାଂସଦଙ୍କ ପ୍ରତିନିଧି ବିଜୟ ନାୟକ, ଜିଲ୍ଲା ପରିଷଦ ସଭ୍ୟା ଡଲି ଶତପଥୀ, ଡା. ନିରଞ୍ଜନ କର, ପୂର୍ବତନ ଅଧ୍ୟକ୍ଷ ଦିଲ୍ଲୀପ ସାହୁ, ବାସୁଦେବ ବେହେରା, ପଞ୍ଚାୟତ ଉନ୍ନୟନ ଅଧିକାରୀ ପାର୍ବତୀ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ବଙ୍ଗାଳପୁର ସରପଞ୍ଚ ଅମୀୟ ଜେନା ଓ ତଳକୁସୁମା ସରପଞ୍ଚ ପ୍ରଭାତ ନଳିନୀ ଜେନାଙ୍କ ସହ ଅନ୍ୟ ଲୋକପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ମହାକାଳପଡ଼ାରେ ଜାତୀୟ ପଞ୍ଚାୟତିରାଜ ଦିବସ



ମହାକାଳପଡ଼ା,୨୪।୪(ସମିସ): ମହାକାଳପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷା ମୀରାରାଣୀ ମହାନ୍ତି ଓ ସାଂସଦଙ୍କ ପ୍ରତିନିଧି ଜାନକୀ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବାବେଳେ ବିଡିଓ ରବିନାରାୟଣ ଆଚାର୍ଯ୍ୟ ଓ ବିଏସଏସଓ ଦୀପକ ପରିଡା ଉପସ୍ଥିତ ଥିଲେ। ଏ ଅବସରରେ ବ୍ଲକ ଅଧୀନ ୨୫୪ ଜଣଙ୍କୁ ବାର୍ଦ୍ଧକ୍ୟ, ୧୭୦ ଜଣଙ୍କୁ ବିଧବା, ଭିନ୍ନକ୍ଷମ, ସ୍ୱାମୀ ପରିତ୍ୟକ୍ତା ଭାବେ ଭତ୍ତା ବଣ୍ଟନ କରାଯାଇଥିଲା। ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୩ ଜଣ ହିତାଧିକାରୀଙ୍କୁ ୨୦,୦୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ୩୯୮ ଜଣ ହିତାଧିକାରଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଥିଲା। ସେହିପରି ଜଙ୍ଗଲ ଅଧିକାର ନିୟମ ଅଧୀନରେ ତହସିଲର ୨୩ ଜଣ ଓ ବସୁନ୍ଧରା ଯୋଜନାରେ ୩ ଜଣଙ୍କୁ ପଟ୍ଟା ପ୍ରଦାନ କରାଯାଇଥିଲା। ଏତଦବ୍ୟତୀତ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୨୦ ଜଣ ହିତାଧିକାରୀ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପଟ୍ଟାମୁଣ୍ଡାଇ,୨୪।୪(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ମୁଲୁଗାଇଁ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ସାହୁ ଅବସରଗ୍ରହଣ କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ କବି ଅନ୍ତର୍ଯ୍ୟାମୀ ବେଜଙ୍କ ପୌରୋହିତ୍ୟ ଓ ପ୍ରେମାନନ୍ଦ ଜୀବନଦାଶଙ୍କ ସଂଯୋଜନାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବ୍ଲକ ଶିକ୍ଷାଧିକାରୀ ଅଜିତ ବାରିକ ମୁଖ୍ୟଅତିଥି, ବିଆରସିସି ପ୍ରେମବାଳା ମହାପାତ୍ର ମୁଖ୍ୟବକ୍ତା, ସିଆରସିସି ମଳୟ ଜେନା, ସିଆରସିସି ଅରବିନ୍ଦ ବଳ, ସଂଘମିତ୍ରା ନାୟକ, ଆଶିଷ ମହାପାତ୍ର, ନମିତା ସାହୁ, ପ୍ରାକ୍ତନ ସିଆରସିସି ବିଧୁଭୂଷଣ ମହାନ୍ତି, ତ୍ରିଲୋଚନ ସ୍ୱାଇଁ ଓ ମନୋଜ ମୁଦୁଲି, ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର, ବେଲତଳ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଶ୍ୱରଞ୍ଜନ ଦାଶ, ଶିକ୍ଷାବିତ ଶରତ ପ୍ରଧାନ, ବିଇଓ ଅଫିସ ମୁଖ୍ୟ କିରାଣି ହିମାଂଶୁ ଶେଖର ବେହୁରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷକ ସୁଶାନ୍ତ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଧାନଶିକ୍ଷକ ଶୁକଦେବ ସେଠୀ,



ଅଜୟ ସାହୁ, ଗୀତାରାଣୀ ରାୟ, ପ୍ରଦୀପ୍ତ ସାମଲ, ସିଆରସିସି ବିଭୁରଞ୍ଜନ ସାହୁ, ଶ୍ରୀରାମ ଜେନା, ଲୋକନାଥ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ରଶ୍ମିରଞ୍ଜନ ଓଝା ଧନ୍ୟବାଦ ଦେଇଥିଲେ।

## ଦୁର୍ଘଟଣାରେ କଲେଜ ଛାତ୍ର ମୃତ

ରାଜକନିକା,୨୪।୪(ସମିସ): ଗତକାଲି ବିଳମ୍ବିତ ରାତିରେ ରାଜକନିକାରୁ ଦୁଇଜଣ ଯୁବକ ବାଇକ୍‌ରେ ଘରକୁ ଫେରୁଥିବାବେଳେ ବାଦରଜା ଗାଁ ଛକ ନିକଟରେ ଏକ ଗଛରେ ଧକ୍କା ହେବାରୁ ଘଟଣାସ୍ଥଳରେ ଜଣକର ମୃତ୍ୟୁ ହେବା ସହ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ କୋରନ୍ଦ ପଞ୍ଚାୟତ ଦୋସଉତୁଣୀ ଗ୍ରାମର ହେମନ୍ତ ସାହୁଙ୍କ ପୁଅ ହିମାଂଶୁ ସାହୁ। ସେ ଏସଏନ କଲେଜ +୨ ଶେଷ ବର୍ଷର ଛାତ୍ର। ଆହତ ଜଣକ ସେହି ଗ୍ରାମର ରଞ୍ଜନ ମଲିକଙ୍କ ପୁଅ ଶାନ୍ତନୁ ମଲିକ ବୋଲି ଜଣାପଡିଛି।

## ଭରତପୁର ମା' ଦକ୍ଷିଣକାଳୀ ମନ୍ଦିରରୁ ଚୋରି

କେନ୍ଦ୍ରାପଡ଼ା,୨୪।୪(ସମିସ): କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଭରତପୁର ଗ୍ରାମରେ ଥିବା ମା' ଦକ୍ଷିଣକାଳୀ ମନ୍ଦିରରୁ ବଡ଼ଧରଣର ଚୋରି ହୋଇଛି। ମନ୍ଦିରରୁ ୧୫ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ସୁନା ଓ ରୂପା ଗହଣା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ମନ୍ଦିର ଟ୍ରଷ୍ଟବୋର୍ଡ ସଦସ୍ୟ ଶିବପ୍ରସାଦ ଦାସ ଓ ପୂଜକ ଗୋବିନ୍ଦ ମିଶ୍ର ସଦର ଥାନାରେ ଏତଲା ଦାଖଲ ଦେଇଛନ୍ତି। ସଦର ଥାନା ଅଧିକାରିଣୀ ପଦ୍ମାଳୟା ପ୍ରଧାନ ତଦନ୍ତ ଆରମ୍ଭ କରିଛନ୍ତି। ମନ୍ଦିରରୁ ୫୦୦ ଗ୍ରାମ ଓଜନର ରୂପା ମୁକୁଟ, ୪୦୦ ଗ୍ରାମର ରୂପାହାର, ସୁନା ମଙ୍ଗଳସୂତ୍ର, ୨ଟି ସୁନା ଚିତା ସହ ନଗଦ ୪ ହଜାର ଟଙ୍କା ଓ ପିତଳ ବାସନକୁସନ, ଘଣ୍ଟାଘଣ୍ଟି ଆଦି ଚୋରି ହୋଇଛି। ପ୍ରମାଣ ନଷ୍ଟ କରିବା ପାଇଁ ଚୋରମାନେ ମନ୍ଦିରରେ ଲାଗିଥିବା ୫ଟି ସିସିଟିଭି କ୍ୟାମେରା ମଧ୍ୟରୁ ୪ଟିକୁ ଭାଙ୍ଗି ଦେଇଛନ୍ତି। ଗୋଟିଏ କ୍ୟାମେରାରେ ସେମାନଙ୍କ ଛବି କଏଦ ହୋଇଥିବାରୁ ଏହା ପୁଲିସ ପାଇଁ ଗୁରୁତ୍ୱପୂର୍ଣ୍ଣ ସୂତ୍ର ହୋଇପାରେ। ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳକୁ ପହଞ୍ଚି ବିଭିନ୍ନ ସ୍ଥାନରୁ ଫିଙ୍ଗରପ୍ରିଣ୍ଟ ସଂଗ୍ରହ କରିଛନ୍ତି। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଏହି ଘଟଣାକୁ ଗୁରୁତ୍ୱ ଦେଇ ଏସପି ସିଦ୍ଧାର୍ଥ କଟାରିଆଙ୍କ ସହ ଆଲୋଚନା କରି ଶୀଘ୍ର ଚୋରଙ୍କୁ ଗିରଫ କରିବା ସହ ମନ୍ଦିରର ଚୋରି ହୋଇଥିବା ସମସ୍ତ ସାମଗ୍ରୀ ଉଦ୍ଧାର କରିବାକୁ ଦାବି କରିଛନ୍ତି।

## ଯୁବକଙ୍କୁ ମାଡ଼ ମାରି ଲୁଟିନେଲେ ମୋବାଇଲ

କେନ୍ଦ୍ରାପଡ଼ା,୨୪।୪(ସମିସ): ଜିଲ୍ଲାର ସୁରକ୍ଷା ବ୍ୟବସ୍ଥାକୁ ଖୁଲମଖୁଲା ଚ୍ୟାଲେଞ୍ଜ ଦେଇ ଏସ୍‌ପି କାର୍ଯ୍ୟାଳୟ ପାଖରେ ଘଟିଛି ଛିନତାଇ। ଜଜାଙ୍ଗ ଅଞ୍ଚଳରେ ଆଜି ସନ୍ଧ୍ୟା ସମୟରେ ଜଣେ ବାଇକ୍ ଆରୋହୀଙ୍କୁ ଆକ୍ରମଣ କରି ଦୁଇଟି ଦାମୀ ମୋବାଇଲ ଛିନି ନେଇଛନ୍ତି ଦୁର୍ବୃତ୍ତ । ରାଜନଗର ମଙ୍ଗରାଜପୁର ଅଞ୍ଚଳର ବିଭୂତି ରାଉତ କାମ ସାରି ବାଇକ୍‌ରେ ଘରକୁ ଫେରୁଥିବାବେଳେ ଦୁଇଟି ବୁଲେଟ୍‌ରେ କିଛି ଦୁର୍ବୃତ୍ତ ତାଙ୍କୁ ପିଛା କରିଥିଲେ। ଜଜାଙ୍ଗସ୍ଥ ଏସ୍‌ପି ଅଫିସ ନିକଟରେ ତାଙ୍କୁ ଅଟକାଇ ପିଟିବା ସହ ତାଙ୍କ ପାଖରୁ ଦୁଇଟି ମୋବାଇଲ ଛଡ଼ାଇ ନେଇ ପଳାଇ ଯାଇଥିଲେ। ଆହତ ବିଭୂତିଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ଘଟଣା ପରେ ସଦର ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନ ଉଠିଛି। କିଛିଦିନ ପୂର୍ବରୁ ଦାନପୁର ଲକ୍ ନିକଟରେ ଶଶୁର-ବୋହୂଙ୍କୁ ଭୁଜାଲିରେ ଆକ୍ରମଣ କରି ସୁନା ଚେନ ଛଡାଇ ନେବା, ପରେ ସଦର ଥାନା ନିକଟରୁ ଛିନତାଇ ଘଟଣା, ଗତକାଲି ଭରତପୁର ଅଞ୍ଚଳର ଏକ କାଳୀ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ଘଟଣା ଅଞ୍ଚଳବାସୀଙ୍କୁ ଅଧିକ ଆତଙ୍କିତ କରିଛି।

## ଫିଟ୍‌ନେସ୍ ପାର୍କରେ ବୃକ୍ଷ ରୋପଣ



ଡେରାବିଶ, ୨୪।୪(ସମିସ): ପୃଥିବୀ ପୃଷ୍ଠରେ ତାପମାତ୍ରାକୁ ସନ୍ତୁଳିତ ରଖିବାରେ ଅଶ୍ୱଥ ଗଛର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ଜଳବାୟୁର ଉତ୍ତାପକୁ ନିୟନ୍ତ୍ରଣ କରିବା ପାଇଁ ବିକଶିତ ରାଷ୍ଟ୍ର ଗଠନରେ ସହଯୋଗ ପାଇଁ ପ୍ରୟାସରତ କୁଶିଆପାଳ ଓ ଗୁଆଳସିଂ ପଞ୍ଚାୟତ ମଧ୍ୟରେ ଅବସ୍ଥିତ ପ୍ରକୃତି ମିତ୍ର ଦି ଇନଷ୍ଟିଚ୍ୟୁଟ ଅଫ ଟୋଟାଲ ଫିଟନେସ ଆଣ୍ଡ ଷ୍ଟ୍ରେସ୍ ମ୍ୟାନେଜମେଣ୍ଟ ପକ୍ଷରୁ ପ୍ରତିଷ୍ଠାତା ତଥା ପରିଚାଳକ ସୁବେଦାର ମେଜର ବ୍ରଜକିଶୋର ସାହୁଙ୍କ ପ୍ରୟାସରେ ଆଜି ସ୍ଥାନୀୟ ଫିଟନେସ ପାର୍କରେ ଅଶ୍ୱଥ ଗଛ ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାତାଙ୍କ ସହିତ ସ୍ୱେଚ୍ଛାସେବୀ ସମରେନ୍ଦ୍ର ଦାସ, ଲକ୍ଷ୍ମୀପ୍ରିୟା ବେହେରା ଓ ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହି ଆଗ୍ରହର ସହିତ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିଥିଲେ। ଶ୍ରୀମତୀ ବେହେରା ଓ ଶ୍ରୀ ଦାସ ସନ୍ତୁଳିତ ପରିବେଶ ପାଇଁ ଅଶ୍ୱଥ ଗଛର ଗୁରୁତ୍ୱ ବିଷୟରେ କହିଥିଲେ। ଏହି କାର୍ଯ୍ୟକ୍ରମକୁ ଦିଲ୍ଲୀପ ବେହେରା ଓ ଶଶୀପ୍ରସାଦ ମହାରଣା ପରିଚାଳନା କରିଥିଲେ।

## ଅଶ୍ଳୀଳ ଫଟୋ ପୋଷ୍ଟ କରି ରାତ୍ର ଜଗୁଆଳି ଗିରଫ



ଡେରାବିଶ,୨୪।୪(ସମିସ): ଜଣେ ମହିଳାଙ୍କ ଫଟୋକୁ ବିକୃତ କରି ଅଶ୍ଳୀଳ କରିବା ସହିତ ବିଭିନ୍ନ ଅଶାଳୀନ ମନ୍ତବ୍ୟ ଦେଇ ଏହାକୁ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଛାଡିବା ଅଭିଯୋଗରେ ପଶୁ ଚିକିତ୍ସାଳୟର ରାତ୍ର ଜଗୁଆଳଙ୍କୁ ସାଇବର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। କେନ୍ଦ୍ରାପଡା ସଦର ଥାନା ଡେରାବିଶ ବ୍ଲକ ଜଅଁରାବାରୀମୂଳ ପଞ୍ଚାୟତର ସୁରେନ୍ଦ୍ର ବଳଙ୍କ ପୁଅ ତଥା ଚାନ୍ଦୋଳସ୍ଥ ପଶୁ ଚିକିତ୍ସାଳୟରେ ରାତ୍ର ଜଗୁଆଳ ଭାବେ କାର୍ଯ୍ୟରତ କର୍ମଚାରୀ ମାନସ ବଳ(୫୧)ଙ୍କୁ ସାଇବର ଥାନା ଆଇଆଇସି ସୈାମ୍ୟରଞ୍ଜନ ପାଣିଗ୍ରାହୀଙ୍କ ନେତୃତ୍ୱରେ ଆଜି ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ମାନସ ବଳ ୬ ତାରିଖରେ ମହିଳା ଫଟୋକୁ ଏଡିଟ କରି ଅଶ୍ଳୀଳ ଫଟୋ ସହ ଯୋଡ଼ି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏ ସମ୍ପର୍କରେ ସମ୍ପୃକ୍ତ ମହିଳା ସାଇବର ଥାନାରେ ଅଭିଯୋଗ କରିଥିଲେ।

## କୁଶେଶ୍ୱର ମହାଦେବ ମନ୍ଦିରରେ ରୁଦ୍ର ମହାଯଜ୍ଞ

ଗୋବିନ୍ଦପୁର, ୨୪।୪(ସମିସ): ଆଳି ବ୍ଲକ ଅନ୍ତର୍ଗତ ଏରଡଙ୍ଗ ପଞ୍ଚାୟତର କୁସୁମୀ ଗ୍ରାମର ବାବା କୁଶେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅଷ୍ଟମ ବାର୍ଷିକ ରୁଦ୍ର ମହାଯଜ୍ଞ ଅନୁଷ୍ଠିତ ହେଉଛି। ବାର୍ଷିକ ଉତ୍ସବ ଓ ଯଜ୍ଞ ପାଇଁ କୁସୁସୀ ଗ୍ରାମ ଉତ୍ସବମୁଖର ହୋଇଛି। ବୁଧବାର ଅଙ୍କୁରାରୋପଣ, ଗୁରୁବାର କଳସ ଯାତ୍ରା, ମଙ୍ଗଳ ଘଟ ସ୍ଥାପନ, ଅଗ୍ନି ସ୍ଥାପନ, ସନ୍ଧ୍ୟାରେ ଭଜନ ସମାରୋହ, ଶୁକ୍ରବାର ବାବା କୁଶେଶ୍ୱରଙ୍କ ଜନ୍ମ ଉତ୍ସବ, ରୁଦ୍ରାଭିଷେକ, ସନ୍ଧ୍ୟାରେ ଭୁବନେଶ୍ୱର ପାଲା ଗାୟିକା ବିନୋଦିନୀ ଜେନା ପାଲା ପରିବେଷଣ କରିଥିଲେ। ଶନିବାର ଠାକୁରଙ୍କ ନଗର ପରିକ୍ରମା, ସନ୍ଧ୍ୟାରେ ପ୍ରବଚକ ବିରେନ୍ଦ୍ର ପଣ୍ଡା ପ୍ରବଚନ ପ୍ରଦାନ କରିବେ ଓ ପୂର୍ଣ୍ଣାହୁତି ପ୍ରଦାନ କରାଯିବ। ପ୍ରାକ୍ତନ ସରପଞ୍ଚ ପୁରୁଷୋତ୍ତମ ପଲାଇ ଓ ଧର୍ମପତ୍ନୀ କଳସ ଯାତ୍ରାର ନେତୃତ୍ୱ ନେଇଥିଲେ। ସ୍ମୃତିରଞ୍ଜନ ତ୍ରିପାଠୀ, ପ୍ରସନ୍ନଜିତ କର, ସୁବାସ ନନ୍ଦ ପୂଜା କାର୍ଯ୍ୟ କରୁଛନ୍ତି।

### ମନୋରମା ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

## 'ବିନୟ ଓ ସମର୍ପଣ ଭାବ ହିଁ ବିଦ୍ୟାର୍ଥୀଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇଥାଏ'

କେନ୍ଦ୍ରାପଡ଼ା,୨୪।୪(ସମିସ)




କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୋଷ୍ଠ ମନୋରମା ପବ୍ଲିକ୍ ସ୍କୁଲର ୨୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଚିନ୍ମୟୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡ଼ା କଲେଜର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ନନ୍ଦକିଶୋର ପରିଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରି କହିଲେ, ବିନୟ ଓ ସମର୍ପଣ ଭାବ ହିଁ ଜଣେ ବିଦ୍ୟାର୍ଥୀଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇଥାଏ। ଏଥିସହିତ ଶିକ୍ଷକ ଓ ଶିକ୍ଷୟିତ୍ରୀ ନିଷ୍ଠା ଓ ଆନ୍ତରିକତାର ସହ ଶିକ୍ଷାଦାନ କଲେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇଥାଏ। ନଚେତ ତାହା କୃତ୍ରିମ ବୁଦ୍ଧିମତା ସଦୃଶ ହୋଇଥାଏ। ସମ୍ମାନିତ ଅତିଥି ଭାବେ ଓଡ଼ିଆ ବିଭାଗ ଅଧ୍ୟାପକ ମାନସ ଦାସ ଯୋଗଦେଇ ପିଲାମାନେ ହେଉଛନ୍ତି ଦେଶର ଆଗାମୀ ଭବିଷ୍ୟତ। ଦେଶର ଉନ୍ନତି ଓ ପ୍ରଗତିର କର୍ଣ୍ଣଧାର। ପଛଧାଡ଼ିରେ ବସିଥିବା ପିଲାଟି ହୁଏତ ଦେଶର ସର୍ବୋଚ୍ଚ ପଦରେ ଆସୀନ ହୋଇପାରେ। ତେଣୁ ଶିକ୍ଷାଦାନ ବେଳେ ପ୍ରତ୍ୟେକ ପିଲାଙ୍କୁ ଉଚିତ ଧ୍ୟାନଦେବାକୁ ସେ ପରାମର୍ଶ ଦେଇଥିଲେ। ସମାଜସେବୀ କାଙ୍ଗାଳି ଚରଣ ଦାସ ଅନ୍ୟତମ ଅତିଥି ଭାବେ ଯୋଗଦେଇ ପିଲାଙ୍କୁ ପାଠପଢା ସହିତ ବାହ୍ୟଜଗତ ସମ୍ପର୍କରେ ଜ୍ଞାନ ଆହରଣ କରିବା ଜରୁରୀ ବୋଲି କହିଥିଲେ। ଅଧ୍ୟକ୍ଷା ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଶିକ୍ଷକ ରମେଶ ଜେନା ଉତ୍ସବ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଭକ୍ତିଲତା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଉତ୍ସବକୁ ଶିକ୍ଷକ ମାନସ ଆଚାର୍ଯ୍ୟ, ସବିତା ରାଉତ, ଲକ୍ଷ୍ମୀପ୍ରିୟା ଓଝା, ବିଭାସିନୀ ରାଉତ, ସନ୍ଧ୍ୟା ଦାସ, ମମତା ନାୟକ, ଜ୍ୟୋତି ଦାସ, ବିଜୟଲକ୍ଷ୍ମୀ ଦାସ, କାଜଲ ପରିଡ଼ା, ପ୍ରଜ୍ଞାମିତା ରାଉତରାୟ, ଭାଗ୍ୟଶ୍ରୀ ବାରିକ, ମନୀଷା ପଲାଇ, ଶୋଭା ରାଉତ, ଶକୁନ୍ତଳା ପଣ୍ଡା, ପୂଜା ମଲ୍ଲ, ରଞ୍ଜନ ଦଳେଇ, ଯୋଗେନ୍ଦ୍ର କାପ୍, ଜିତୁ ସାର, ମାନସ ବାରିକ, ବିଭୂତି ସାର, ସୁକୁମାର ସାର, ପ୍ରଗତୀ ମାମ ପ୍ରମୁଖ ପରିଚାଳନା କରିଥିଲେ।

### ଏଏମ୍/ଏନ୍ଏସ୍ ଇଣ୍ଡିଆର ଡିଜିଟାଲ୍ ଦକ୍ଷତା କାର୍ଯ୍ୟକ୍ରମ

# ଉପକୃତ ହେବେ ୮୦୦ ଯୁବକ ଯୁବତୀ

ପାରାଦୀପ, ୨୪।୪(ସମିସ)




ଏଏମ୍/ଏନ୍ଏସ୍ ଇଣ୍ଡିଆ ଏହାର ପ୍ରମୁଖ ସିଏସ୍ଆର୍ ପଦକ୍ଷେପ 'ଦକ୍ଷ' ଅଧୀନରେ ପାରାଦୀପ, କେନ୍ଦୁଝର, କେନ୍ଦ୍ରାପଡ଼ା ଏବଂ ବଡ଼ବିଲର ୮୦୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରି ଡିଜିଟାଲ୍ ଜୀବିକା ସଶକ୍ତୀକରଣ କ୍ଷେତ୍ରରେ ଏକ ପ୍ରମୁଖ ଉପଲବ୍ଧି ହାସଲ କରିଛି। ନାସ୍କମ୍ ସହଭାଗିତାରେ କାର୍ଯ୍ୟକାରୀ ହୋଇଥିବା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆଇଟି/ଆଇଟିଇଏସ୍ ବିଭାଗରେ ଡିଜିଟାଲ୍ ଦକ୍ଷତା ପ୍ରଶିକ୍ଷଣ ସଫଳତାର ସହିତ ସମାପ୍ତ ହୋଇଛି। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ୨୦୦-୨୨୫ ଘଣ୍ଟାରୁ ଅଧିକ ସମୟ ଧରି ପ୍ରଶିକ୍ଷାର୍ଥୀମାନଙ୍କୁ ବୈଷୟିକ ଏବଂ ସଫ୍ଟ-ସ୍କିଲ୍ ପ୍ରଶିକ୍ଷଣ, ଶିଳ୍ପ ବିଶେଷଜ୍ଞଙ୍କ ପରାମର୍ଶ ଏବଂ କାର୍ଯ୍ୟକ୍ଷେତ୍ରର ଅଭିଜ୍ଞତା ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଏହି ଅବସରରେ ଅଂଶଗ୍ରହଣକାରୀମାନେ ଡୋମେଷ୍ଟିକ ଡାଟା ଏଣ୍ଟ୍ରି ଅପରେଟର ଏବଂ ଆଇଟି ହେଲ୍ପଡେସ୍କ ଆଟେଣ୍ଡାଣ୍ଟ ଭଳି ବିଶେଷ ପଦବୀ ପାଇଁ ପ୍ରମାଣପତ୍ର ହାସଲ କରିଛନ୍ତି।

ଏହି ପଦକ୍ଷେପ ଅନ୍ତର୍ଗତ ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ୧୮୯୫ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧,୧୫୩ ଜଣ ତତ୍ତ୍ୱ, ନିଜା ମେନ ପାୱାର ସର୍ଭିସ, ଟେକବ୍ରିଜ୍, ଭିଜିଏମ୍, ଆମାଜନ୍ ଓ ରାଣ୍ଡଷ୍ଟାଡ ଭଳି ପ୍ରତିଷ୍ଠିତ ସଂସ୍ଥାରେ ନିଯୁକ୍ତି ପାଇସାରିଛନ୍ତି। ପ୍ରକଳ୍ପ 'ଦକ୍ଷ' ମାଧ୍ୟମରେ ଏଏମ୍/ଏନ୍ଏସ୍ ଇଣ୍ଡିଆ ଆଗାମୀ ପିଢ଼ିର ଯୁବବର୍ଗଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରୁଛି। ପାରାଦୀପଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ଜିଲ୍ଲା ଦକ୍ଷତା ବିକାଶ ଏବଂ ନିଯୋଜନ ଅଧିକାରୀ ଅଜିତ କୁମାର ଉତ୍ତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତ ଉପସ୍ଥିତ ଥିଲେ। ସେହିପରି ବଡ଼ବିଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଡ଼ବିଲ ଶ୍ରମ ପ୍ରବର୍ତ୍ତନ ଅଧିକାରୀ ଫସିହୁଲ୍ ହାସନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପାରାଦୀପଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏଏମ୍/ଏନ୍ଏସ୍ ଇଣ୍ଡିଆର ପାରାଦୀପ ପେଲେଟ୍ ପ୍ଲାଣ୍ଟ, ପାରାଦୀପ ପୋର୍ଟ, ସ୍ଲରି ପାଇପ୍ଲାଇନ ବିଭାଗ ମୁଖ୍ୟ ସିଏଚ୍ ହରି ପ୍ରସାଦ, ସିଏସଆର ଲିଡ୍ ଦେବାଶିଷ ସ୍ୱାଇଁଙ୍କ ସହ ନାସକମ୍‌ର ରାଜ୍ୟ ମୁଖ୍ୟ ଶେଷଦତ୍ତ ସୂତାରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ। ବଡ଼ବିଲଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏଏମ୍/ଏନଏସ୍ ଇଣ୍ଡିଆର ଅଧିକାରୀ ଠାକୁରାଣୀ ମାଇନ୍ସ ପ୍ରବନ୍ଧକ ଇନ୍ଦ୍ରକାନ୍ତ ସାହା, ସୁରକ୍ଷା ବିଭାଗ ମୁଖ୍ୟ ଉଦୟ ବର୍ମା, ଠାକୁରାଣୀ ମାଇନ୍ସର କଲ୍ୟାଣ ଅଧିକାରୀ ପ୍ରମୋଦ ଆଚାର୍ଯ୍ୟ ଏବଂ ଲିଡ୍-ସିଏସଆର ଅରୁଣ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦୁଝରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏଏମ୍/ଏନଏସ୍ ଇଣ୍ଡିଆର ଅଧିକାରୀ ଲଜିଷ୍ଟିକ୍ସ ବିଭାଗ ମୁଖ୍ୟ ଜୟ କିଶନ ଶର୍ମା, ଟେଙ୍କିଂ ଷ୍ଟୋରେଜ୍ ଫ୍ୟାସିଲିଟି ଏବଂ ପାଇପ୍ଲାଇନ୍ ବିଭାଗ ମୁଖ୍ୟ ଅଜିତ ସିଂ, ଲିଡ୍ ଏଚ୍ଆର ବନଜ ଖଟୁଆ ଏବଂ ଲିଡ୍ ସିଏସ୍ଆର୍ ଲଳିତ ବିଶ୍ୱାଳଙ୍କ ସମେତ ତାଲିମପ୍ରାପ୍ତ ଯୁବକ ଯୁବତୀ ଓ ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ। ସେହିପରି କେନ୍ଦ୍ରାପଡ଼ାରେ ମଧ୍ୟ ଏଏମ୍/ଏନଏସ୍ ଇଣ୍ଡିଆର ଅଧିକାରୀ ଏବଂ ପ୍ରଶିକ୍ଷାର୍ଥୀମାନଙ୍କ ଉପସ୍ଥିତିରେ ଏକ ଅନୁରୂପ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

## 'ବିଶ୍ୱରେ ଶାନ୍ତି ଓ ଭାତୃତ୍ୱ ଭାବ ସୃଷ୍ଟି ହେଉ'

ତିର୍ତ୍ତୋଲ, ୨୪।୪(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଅରିଲୋ ସ୍ଥିତ ଶିଶୁଅନନ୍ତ ଆଶ୍ରମର ୫୭ତମ ବାର୍ଷିକ ଚତୁର୍ଦ୍ଦଶୀ ମେଳା ଅନୁଷ୍ଠିତ ହେବାକୁ ଯାଉଛି।



ଏହି ଅବସରରେ ଆଶ୍ରମର ପ୍ରତିଷ୍ଠାତା ପୂଜ୍ୟପୂଜକ ପଦ୍ମଶ୍ରୀ ବାବା ବଳିଆ ସୂଚନା ଦେଇଛନ୍ତି। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଜାତିସଂଘ ତାର ଦାୟିତ୍ୱ ନିର୍ବାହ କରୁ। ବିଶ୍ୱରେ ଧନୀ ଓ ଶକ୍ତିଶାଳୀ ରାଷ୍ଟ୍ରମାନେ ନିଜର ଅହମିକା ତ୍ୟାଗ କରି ବିଶ୍ୱ ଭାତୃତ୍ୱ ଭାବନା ଯୁକ୍ତ ହୁଅନ୍ତୁ। ଏଥି ନିମନ୍ତେ ଦିଲ୍ଲୀରେ ବିଭିନ୍ନ ଦେଶର ରାଷ୍ଟ୍ରଦୂତଙ୍କୁ ଭେଟିବୁ ଓ ଆବଶ୍ୟକ ହେଲ ଭାରତର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଆମେ ଆଲୋଚନା କରିବୁ ବୋଲି ବାବାବଳିଆ କହିଥିଲେ। ଏଥି ସହିତ ତାଙ୍କ ବକ୍ତବ୍ୟରେ ନିଶା ଓ ମାଦକ ବିହୀନ ସମାଜ ଗଠନ ହେବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ସାମାଜିକ ବିପ୍ଳବର ନେତୃତ୍ୱ ଭାରତ ନେଉ। ଉତ୍ତପ୍ତ ବିଶ୍ୱକୁ ଶାନ୍ତି କରିବା ପାଇଁ ବୃକ୍ଷରୋପଣ ଓ ସଂରକ୍ଷଣ ସହ ଅନାବଶ୍ୟକ ପ୍ଲାଷ୍ଟିକ ଆଦି ଦ୍ରବ୍ୟର ବ୍ୟବହାର ବର୍ଜନ, କ୍ଷେପଣାସ୍ତ୍ର ପରୀକ୍ଷଣକୁ ସମସ୍ତ ଦେଶ କ୍ଷାନ୍ତ ହେବା ଜରୁରୀ, ଶିକ୍ଷିତ ସମାଜରୁ ଅନ୍ଧ ବିଶ୍ୱାସ ଓ କୁସଂସ୍କାର ଦୂରେଇବା ଉଚିତ୍, ପାଠ୍ୟକ୍ରମରେ ଅଧିକରୁ ଅଧିକ ନୈତିକ ଓ ଆଧ୍ୟାତ୍ମିକ ଶିକ୍ଷା ସ୍ଥାନିତ ହେଉ ବୋଲି ବାବା ବଳିଆ କହିଥିଲେ। ଡ. ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବ୍ରାଉନସୁଗର ଜବତ : ଜଣେ ଗିରଫ



ପାରାଦୀପ, ୨୪।୪(ସମିସ): ପାରାଦୀପ ଅଭୟଚାନ୍ଦପୁର ପୁଲିସ ଆଜି ଜଣେ ବ୍ରାଉନସୁଗର ବେପାରୀକୁ ଗିରଫ କରି କୋର୍ଟଚାଲାଣ କରିଛି। ତା' ନିକଟରୁ ୧୪.୨୯ ଗ୍ରାମର ବ୍ରାଉନସୁଗର ଜବତ କରାଯାଇଛି। ଏହା ସହିତ ସେ ବ୍ୟବହାର କରୁଥିବା ଏକ ସ୍କୁଟି ଓ ନଗଦ ୫ ହଜାର ୫ ଶହ ଟଙ୍କା ମଧ୍ୟ ଜବତ କରାଯାଇଛି। ଅଭିଯୁକ୍ତ ବଗଦିଆ ଗ୍ରାମର ପ୍ରଦୀପ ଦଳାଇର ପୁଅ ରାକେଶ ଦଳାଇ (୨୭) ବୋଲି ଜଣାପଡ଼ିଛି। ତେବେ ଅଭିଯୁକ୍ତ ବଗଦିଆ-ଡାଳିମ୍ବପୁର ରାସ୍ତାର ଶ୍ମଶାନ ପାଖରେ ଥିବା ବରଗଛ ମୂଳେ ଗରାଖ ଅପେକ୍ଷାରେ ଥିବାବେଳେ ଅଭୟଚାନ୍ଦପୁର ପୁଲିସ ଟିମ୍ ତାକୁ କାବୁ କରିଥିଲା। ମାନସିଂ ହେମ୍ବ୍ରମ, ଦିନେଶ କୁମାର ଦାଣ୍ଡିଆ, ସନ୍ଦୀପ ସେଠୀ ଓ ଅଭିମନ୍ୟୁ ଭୋଇ ପ୍ରମୁଖ ଏହି ଟିମ୍‌ରେ ସାମିଲ ହୋଇଥିଲେ। ଏନେଇ ଥାନାରେ ୧୧୪/୨୬ ଏକ ମାମଲା ରୁଜୁ ହୋଇଛି।

## ଧର୍ମ ପରାୟଣ ବ୍ୟକ୍ତିଙ୍କ ପରଲୋକ

ବାଲିକୁଦା, ୨୪।୪(ସମିସ): ବାଲିକୁଦା ବ୍ଲକ ଅନ୍ତର୍ଗତ ଥାଇଲ ପଞ୍ଚାୟତ ଥାଇଲ ଗ୍ରାମର ଧର୍ମ ପରାୟଣ ବ୍ୟକ୍ତି କଣ୍ଡୁରି ଚରଣ ଦାସଙ୍କ ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ କିଛି ଦିନ ହେବ ଶାରୀରିକ ଅସୁସ୍ଥ ଥିଲେ। ସେ ଜଣେ ପରୋପକାରୀ, ଧର୍ମପରାୟଣା



ବ୍ୟକ୍ତି ଭାବେ ଗ୍ରାମର ସମସ୍ତଙ୍କର ପ୍ରିୟଭାଜକ ଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ପରିକ୍ରମା କରି ଗ୍ରାମ ମଶାଣୀରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ବାଲିକୁଦା ବ୍ଲକ ଯାଦବ ମହାସଭାର ସଭାପତି ଧର୍ମାନନ୍ଦ ଦାସ ମୁଖାଗ୍ନି ଦେଇଥିବା ବେଳେ ଜ୍ଞାତିକୁଟୁମ୍ବ ଓ ଅନ୍ୟ ବନ୍ଧୁ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଉତ୍କଳ ଯାଦବ ମହାସଭାର ସମ୍ପାଦକ ତଥା ଜଗତସିଂହପୁର ଜିଲ୍ଲା ପର୍ଯ୍ୟବେକ୍ଷକ ତୀର୍ଥବାସୀ ବେହେରା, ଯୁଗ୍ମ ସମ୍ପାଦକ ତଥା ବାଲିକୁଦା ବ୍ଲକ ଯାଦବ ମହାସଭାର ସଙ୍ଗଠନ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ବେହେରା, ପୂର୍ବତନ ବ୍ଲକ ସଭାପତି ବାବାଜୀ ଚରଣ ଦାସ, ସମ୍ପାଦକ ସୌମେନ୍ଦ୍ର କୁମାର ଦାସ, ଏରସମା ବ୍ଲକ ଯାଦବ ମହାସଭାର ତରୁଣ କୁମାର ଦାସ, ଶିକ୍ଷାବିତ କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ ତାଙ୍କର ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।


## ଡେରାବିଶକୁ ନିର୍ବାଚନମଣ୍ଡଳୀ କରିବା ଦାବି

ଡେରାବିଶ, ୨୪।୪(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ବ୍ଲକ ଅଞ୍ଚଳକୁ ଏକ ସ୍ୱତନ୍ତ୍ର ବିଧାନସଭା କ୍ଷେତ୍ରରେ ପରିଣତ କରିବା ପାଇଁ ବିଭିନ୍ନ ମହଲରେ ଏବେ ଦାବି ଜୋର ଧରିଛି। କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀ ଶ୍ରମିକ ସଂଘ ସଭାପତି ପଣ୍ଡିତ ଶରତ ମିଶ୍ରଙ୍କ ଆହୂତ ଏକ ବୈଠକରେ ଡେରାବିଶ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଯୋଗଦେଇ ଡେରାବିଶର ଭୌଗୋଳିକ ପରିସୀମା ଉପରେ ଆଲୋକପାତ କରିଥିଲେ। ୨୦୦୯ ପୂର୍ବରୁ ଏହି ବ୍ଲକର ୨୬ଟି ପଞ୍ଚାୟତ ମଧ୍ୟରୁ ୧୬ଟି ପଞ୍ଚାୟତ ବରୀ-ଡେରାବିଶ ବିଧାନସଭା କ୍ଷେତ୍ର ଅଧୀନରେ ଥିବାବେଳେ ଅବଶିଷ୍ଟ ୧୦ଟି କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ଅଧୀନରେ ଥିଲା। ୨୦୦୯ରେ ହୋଇଥିବା ପୁର୍ନଗଠନ ସମୟରେ ଏହି ବ୍ଲକର ମୋଟ ୨୬ଟି ପଞ୍ଚାୟତକୁ ପାଟକୁରା ନିର୍ବାଚନମଣ୍ଡଳୀରେ ମିଶାଯାଇଥିଲା। ୨୦୧୧ ଜନଗଣନା ଓ ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ଜନଗଣନା ଅନୁଯାୟୀ ଜନସଂଖ୍ୟା ବହୁ ପରିମାଣରେ ବୃଦ୍ଧି ପାଇବା ଏକ ପ୍ରକାର ନିଶ୍ଚିତ ହୋଇଛି। ଜନସଂଖ୍ୟା ଡେରାବିଶ ବ୍ଲକ ଅଞ୍ଚଳ ତା'ର ଯୋଗ୍ୟତା ହାସଲ କରିବାକୁ ଯାଉଥିବାରୁ ଏହାକୁ ସ୍ୱତନ୍ତ୍ର ବିଧାନସଭା କ୍ଷେତ୍ରର ମାନ୍ୟତା ଦେବାକୁ ଶ୍ରୀ ସାହୁ ସରକାରଙ୍କ ନିକଟରେ ଦାବି ଜଣାଇଛନ୍ତି। ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲିକ, ଇଂ କୁଳମଣି ପରିଡ଼ା, କୃତ୍ତିବାସ ଦାସ, ଗୌରାଙ୍ଗ ପ୍ରଧାନ, ଭରତ ସିଂ, ବିପିନ ସାହୁ, ଅଭିମନ୍ୟୁ ରାଉତ, ମରୁତ ସ୍ୱାଇଁଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

● କାନଫେଷ୍ଟର ଚତୁର୍ଥ ସନ୍ଧ୍ୟା

## 'କୋଇ ବାତ୍ ଚଲେ' ନାଟକ ମଞ୍ଚସ୍ଥ

ପାରାଦୀପ, ୨୪।୪(ସମିସ): ପାରାଦୀପ ବନ୍ଦରର ଜୟଦେବ ସଦନଠାରେ କାନ୍‌ମାସ ପକ୍ଷରୁ ଆୟୋଜିତ ୨୩ତମ ଜାତୀୟ ନାଟ୍ୟ ମହୋତ୍ସବରର ଆଜି ଥିଲା ଚତୁର୍ଥ ସନ୍ଧ୍ୟା।



ଚତୁର୍ଥ ସନ୍ଧ୍ୟାରେ ଦିଲ୍ଲୀର ଥିଏଟର ୱାଲା ଅନୁଷ୍ଠାନର କଳାକାରମାନେ ରାମଜୀ ବାଲିଙ୍କ ନିର୍ଦ୍ଦେଶନାରେ ହିନ୍ଦୀ ଭାଷାରେ ଏକ ଭିନ୍ନ ସ୍ୱାଦର ନାଟକ 'କୋଇ ବାତ୍ ଚଲେ' ନାଟକ ମଞ୍ଚସ୍ଥ କରିଥିଲେ। ଭେଣ୍ଟମ୍ ନେଟୱାର୍କ ସହିତ ମିଳିତ ଭାବରେ ଥିଏଟର ୱାଲା ପ୍ରଡକ୍ସନ୍ 'କୋଇ ବାତ୍ ଚାଲେ' ଫିଟ୍ ବଲିଉଡ୍ ଅଭିନେତା 'ଯଶପାଲ ଶର୍ମା' ଏବଂ ଅନ୍ୟାନ୍ୟ କଳାକାରଙ୍କୁ ଉପସ୍ଥାପନ କରୁଛି। ନାଟକର କାହାଣୀ, କୋଇ ବାତ୍ ଚାଲେ, ନାୟକ କାନ୍‌ହିଆ ଲାଲ ବଂଶୀପ୍ରସାଦଙ୍କ ଚାରିପାଖରେ ଘୁରିବୁଲୁଛି। ନାଟକଟି ଅନେକ ସମୟ ଧରି ଦର୍ଶକମାନଙ୍କୁ ବାନ୍ଧି ରଖିଥିଲା। ଆସନ୍ତାକାଲି ୫ମ ସନ୍ଧ୍ୟାରେ ଓଡ଼ିଆ ନାଟକ 'ପୂର୍ଣ୍ଣ ପୁରୁଷ' ନାଟକ ମଞ୍ଚସ୍ଥ ହେବ।

## ଉନ୍ମୋଚନ ପୂର୍ବରୁ ପ୍ରତିମୂର୍ତ୍ତିକୁ ଭାଙ୍ଗିଲା ଜଙ୍ଗଲ ବିଭାଗ

ଏରସମା, ୨୪।୪(ସମିସ): ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତରେ ଥିବା ଓଡ଼ିଶା ପ୍ରସିଦ୍ଧ ସିଆଳି ବେଳାଭୂମିରେ ପୂର୍ବତନ ମନ୍ତ୍ରୀ ଡା.ଦାମୋଦର ରାଉତଙ୍କ ପ୍ରତିମୂର୍ତ୍ତିର ଉନ୍ମୋଚନ ହେବାର ଥିଲା। କିନ୍ତୁ ତା' ପୂର୍ବରୁ ଜଙ୍ଗଲ ବିଭାଗ ତରଫରୁ ଏହାକୁ ଭାଙ୍ଗି ଦିଆଯାଇଛି। ଫରେଷ୍ଟର ମଙ୍ଗଲ୍ ହେମ୍ବ୍ରମଙ୍କୁ ଏ ସମ୍ପର୍କରେ ପଚାରିବାକୁ, ପ୍ରତିମୂର୍ତ୍ତିଟି ଜଙ୍ଗଲ ଜମିରେ କରାଯାଇଥିବାରୁ ଡିଏଫ୍ଓଙ୍କ ନିର୍ଦ୍ଦେଶରେ ଏହାକୁ ଭାଙ୍ଗି ଦିଆଯାଇଛି। ତେବେ ଏହାକୁ ନେଇ ଏରସମା ଅଞ୍ଚଳରେ ଏହାର ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ଅଞ୍ଚଳବାସୀ ଏହାର ପ୍ରତିବାଦ କରିଛନ୍ତି।



## ସଂଗ୍ରାମୀ ଭାଗୀରଥି ମହାପାତ୍ରଙ୍କ ଜୟନ୍ତୀ



ଜଗତସିଂହପୁର, ୨୪।୪(ସମିସ): ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ଚାତ୍ରା ଠାରେ ଥିବା ଐତିହାସିକ ଅଳକା ଆଶ୍ରମ ପରିସରରେ ଜଗତସିଂହପୁର ମାଟିର ଅନ୍ୟତମ ବରପୁତ୍ର ତଥା ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ମହାପାତ୍ରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆଶ୍ରମର କୋଷାଧ୍ୟକ୍ଷ ତଥା ଶିକ୍ଷାବିତ୍ ବିଜୟ କୁମାର ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ନୀରଞ୍ଜନ ବିଶ୍ୱାଳ, ପ୍ରତାପ ଲେଙ୍କା, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ଉତ୍କଳ ସେବାନିବୃତ୍ତ ସେନାନୀ ସଙ୍ଘର ସଭାପତି ସୋମନାଥ ମହାରଣା, ଛାତ୍ର ସଙ୍ଗଠକ ସତ୍ୟ ମହାନ୍ତି ଏବଂ ସବିତା ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାପାତ୍ରଙ୍କ କର୍ମମୟ ଜୀବନ, ନୀତି ଆଦର୍ଶ ଏବଂ ସ୍ୱାଧୀନତା ସଂଗ୍ରାମକୁ ତାଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଆଜିର ଯୁବପିଢ଼ି ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଏହି କାର୍ଯ୍ୟକ୍ରମରେ ଆହ୍ୱାନ ଦିଆଯାଇଥିଲା।

## ବଡ଼ପଡ଼ିଆ ମାର୍କେଟ ଅଞ୍ଚଳରେ ଜଳଛତ୍ର

ପାରାଦୀପ, ୨୪।୪(ସମିସ): ସାରାରାଜ୍ୟରେ ଜାରି ରହିଛି ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ। ତ୍ରାହି ତ୍ରାହି ଡାକୁଛି ସମଗ୍ର ଜୀବଜଗତ। ପାଣି ଟୋପେ ପାଇଁ ହାହାକାର ହେଉଛନ୍ତି ପଥଚାରୀ। ଯାହାକୁ ନେଇ ବନ୍ଦରନଗରୀ ପାରାଦୀପର ପ୍ରମୁଖ ଜନଗହଳି ସ୍ଥାନ ବଡ଼ପଡ଼ିଆ ମାର୍କେଟ ଅଞ୍ଚଳରେ ପତଞ୍ଜଳି ଯୋଗ ସମିତିର ଶାଖା ଭାବରେ ଫ୍ରେଣ୍ଡଲି ଯୋଗ ପୋର୍ଟ କ୍ଲବ ତରଫରୁ ଯୋଗଗୁରୁ ବିଭୁତି ଭୂଷଣ ସାହୁ (ଟୁଲୁ ବାବା)ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏକ ଜଳଛତ୍ର ଉଦଘାଟନ ହୋଇଯାଇଛି। ଶିଳ୍ପନଗରୀ ପାରାଦୀପ ଅଞ୍ଚଳରେ ଶ୍ରମିକମାନେ କାର୍ଯ୍ୟସାରି ଫେରୁଥିବା ସମୟରେ ପ୍ରଚଣ୍ଡ ରୌଦ୍ରତାପ କାରଣ ସମ୍ଭାବ୍ୟ ଅଂଶୁଘାତ ହେଉ କିମ୍ବା ତୃଷାର୍ତ୍ତ ପଥିକମାନଙ୍କୁ ପାନୀୟ ଜଳ ଯୋଗାଇବା ଉଦ୍ଦେଶ୍ୟରେ ଏହି ଜଳଛତ୍ର ଗ୍ରୀଷ୍ମପ୍ରବାହ ଶେଷହେବା ପର୍ଯ୍ୟନ୍ତ ଜଳସେବା ଜାରି ରହିବ ବୋଲି କହିଛନ୍ତି ଯୋଗଗୁରୁ ବିଭୁତି ଭୂଷଣ ସାହୁ। ଫ୍ରେଣ୍ଡଲୀ ଯୋଗ କ୍ଲବ ତରଫରୁ ପାରାଦୀପ ଅଞ୍ଚଳରେ ବିଭିନ୍ନ ସମୟରେ ସମାଜସେବା ହେଉ, ଦରିଦ୍ର ନାରାୟଣ ସେବା ହେଉ କିମ୍ବା ବିଭିନ୍ନ ସାମାଜିକ କାର୍ଯ୍ୟ କରି ପାରାଦୀପ



ବାସୀଙ୍କ ପ୍ରଶଂସା ସାଉଁଟିଥିବା ବେଳେ ଗ୍ରୀଷ୍ମପ୍ରବାହ ସମୟରେ ଦୈନନ୍ଦିନ ଦହିପାଣି, ଲେମ୍ବୁପାଣି ଯୋଗାଇ ତୃଷାର୍ତ୍ତ ଲୋକଙ୍କ ତୃଷା ମେଣ୍ଟନ କରିବାର ସୁବନ୍ଦୋବସ୍ତ କରାଯାଇଛି। ଯାହା ଏହି ଯୋଗ ସଂଗଠନର ସମାଜସେବା କ୍ଷେତ୍ରରେ ଏକ ଦୃଷ୍ଟାନ୍ତମୂଳକ ଜନସେବା କାର୍ଯ୍ୟ ବୋଲି ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀ ମାନେ କହିଛନ୍ତି।

## ଜାତୀୟ ପଞ୍ଚାୟତରାଜ ଦିବସ

ନାଉଗାଁ, ୨୪।୪(ସମିସ): ନାଉଗାଁ ବ୍ଲକରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ମଣ୍ଡଳ ଉନ୍ନୟନ ଅଧିକାରୀ ନିରଞ୍ଜନ ପରିଡ଼ାଙ୍କ ତତ୍ତ୍ୱାବଧାନରେ ନାଉଗାଁହାଟ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ ବ୍ଲକ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ମାନଙ୍କ ସହିତ ସମସ୍ତ ପଞ୍ଚାୟତର ଜନପ୍ରତିନିଧି, ମିଶନଶକ୍ତି ବିଭାଗ ପକ୍ଷରୁ ଏହି ବ୍ଲକର ସମସ୍ତ ସିଆରପି, ଏମ୍ବିକେ, ବ୍ୟାଙ୍କମିତ୍ର, ପ୍ରାଣିମିତ୍ର ମାନେ ଉପସ୍ଥିତ ରହିଥିଲେ। ଏହାସହିତ ଏହି ବ୍ଲକର ହିତାଧିକାରୀମାନଙ୍କୁ ଅନ୍ତ୍ୟୋଦୟ ଆବାସ ଯୋଜନାର କାର୍ଯ୍ୟାଦେଶ ମଧ୍ୟ ପ୍ରଦାନ କରାଯାଇଥିଲା।

ବାଲିକୁଦା: ବାଲିକୁଦା ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏବିଡିଓ ସ୍ମାରକ ରଞ୍ଜନ ମହାନ୍ତି, ଜିଲ୍ଲା ପରିଷଦ ଜଟାଧାରୀ ଦାସ, ଡଲି ପଣ୍ଡା, ସାଂସଦ ପ୍ରତିନିଧି ପ୍ରଶାନ୍ତ କୁମାର ସ୍ୱାଇଁ, ଜିପିଓ ରୋଜାଲିନ ତ୍ରିପାଠୀ ଯୋଗ ଦେଇ ପଞ୍ଚାୟତିରାଜ ବ୍ୟବସ୍ଥା କାରଣରୁ ଗ୍ରାମାଞ୍ଚଳରେ ବିକାଶ ସୂର୍ଯ୍ୟୋଦୟ ହୋଇଥିଲା ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବ୍ଲକ ଉପାଧ୍ୟକ୍ଷା ପ୍ରିୟମ୍ବଦା ପଲାଉରି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିବାରେ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ ପ୍ରଦାନ କରିଥିଲେ।

## ପଦଯାତ୍ରା ପୂର୍ବରୁ ଆନ୍ଦୋଳନକାରୀ ଭ୍ରମର ଦାସକୁ ଉଠାଇନେଲା ପୁଲିସ

ପାରାଦୀପ, ୨୪।୪(ସମିସ): ଘରୋଇ କମ୍ପାନୀର ବେଆଇନ କାର୍ଯ୍ୟ ବିରୋଧରେ ଆସନ୍ତା ଏପ୍ରିଲ ୨୬ରେ ହେବାକୁ ଥିବା ପଦଯାତ୍ରା ପୂର୍ବରୁ ଜନ ଆନ୍ଦୋଳନକାରୀ ତଥା ସଂଗ୍ରାମୀ ଭ୍ରମରବର ଦାସଙ୍କୁ ଆଜି ସକାଳୁ ଅଚାନକ ଅଭୟଚାନ୍ଦପୁର ପୁଲିସ ଉଠାଇ ନେଇଛି। ୧୪୧/୨୧ ପୁରୁଣା କେସ୍‌ରେ କୋର୍ଟ ଚାଲାଣ କରିଥିବା ନେଇ ଥାନା ପକ୍ଷରୁ ସୂଚନା ମିଳିଛି। ୨୦୨୧ ମସିହାରେ ଯେତେବେଳେ କମ୍ପାନୀ ପାଇଁ ଜମି ଅଧିଗ୍ରହଣ ଚାଲିଥିଲା ସେତେବେଳେ ଢିଙ୍କିଆ ରାସ୍ତାର ପାଟଣା ପାଖରେ ପୁଲିସ ଗାଡି ଅଟକାଇବା ଓ ରାସ୍ତା ହାଣିବା ନେଇ ତାଙ୍କ ନାମରେ ଅଭିଯୋଗ ହୋଇଥିଲା। ତେବେ ଏଠାରେ ଅଞ୍ଚଳବାସୀଙ୍କ କହିବା କଥା ଯଦି ତାଙ୍କ ନାମରେ ପୁରୁଣା କେସ୍ ଥିଲା ଆଉ ସେ ଜାମିନ ପାଇ ନଥିଲେ, ତେବେ ଏତେ ଦିନ ଯାଏ ପୁଲିସ କ'ଣ କରୁଥିଲା ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି। ଏହା କେବଳ ସାଧାରଣ ଲୋକଙ୍କୁ ଭୟଭୀତ କରି ପଦଯାତ୍ରାକୁ ଭଣ୍ଡୁର କରିବା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ଓ ପୁଲିସ ପ୍ରଶାସନର ମିଳିତ ହୀନଚକ୍ରାନ୍ତ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚ୍ୟ ବିଷୟ ହୋଇଛି। ଡବଲ ଇଞ୍ଜିନ ସରକାର ଲୋକଙ୍କ ସରକାର ବୋଲି ଡିମିଡ଼ିମି ପିଟୁଥିବା ବେଳେ ପୁଲିସର ଏଭଳି ଆକ୍ରୋଶ ମୂଳକ ଗିରଫଦାରୀକୁ ସଂଗ୍ରାମୀ ମହଲରେ ନିନ୍ଦା ପ୍ରକାଶ ପାଇଛି। ଲୋକଙ୍କ ସ୍ୱାର୍ଥ ପାଇଁ ସାଧାରଣ ସ୍ୱର ଉଠାଉଥିବା ବ୍ୟକ୍ତିଙ୍କୁ ଆଜି ଅଯଥାରେ ଚକ୍ରାନ୍ତ କରି ସ୍ୱରକୁ ଚାପି ଦେବା ଲାଗି ପ୍ରୟାସ କରାଯାଉଛି ବୋଲି ଜିଲ୍ଲା ପରିଷଦ ସଭ୍ୟ ପିନାକୀ ଦାସ ନିନ୍ଦା ପ୍ରକାଶ କରିଛନ୍ତି।

### ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ

# ବିଭିନ୍ନ ଯୋଜନାରେ ଶ୍ରେଷ୍ଠଙ୍କୁ ସମ୍ମାନ ପ୍ରଦାନ

ଜଗତସିଂହପୁର, ୨୪।୪(ସମିସ)




ଆଜି ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନଠାରେ ଜିଲ୍ଲା ପ୍ରଶାସନ ଓ ଜଗତସିଂହପୁର ପଞ୍ଚାୟତ ସମିତିଙ୍କ ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଶିଳ୍ପ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇଥିଲେ। ଏହି ଉତ୍ସବରେ ସାଂସଦ ବିଭୁ ପ୍ରସାଦ ତରାଇ ଯୋଗଦେଇ କହିଲେ ଶାସନର ବିକେନ୍ଦ୍ରୀକରଣ ସହ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ହୋଇପାରିଲେ ଦେଶର ବିକାଶ ସମ୍ଭବ। ପଞ୍ଚାୟତକୁ ଏକ ୟୁନିଟ ଭାବେ ନେଇ ବିକାଶ କରାଯାଉଛି। ପଞ୍ଚାୟତର ବିକାଶ କହିଲେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନକୁ ବୁଝାଇଥାଏ। ମହିଳାଙ୍କ ବିକାଶ ହେଲେ ପରିବାରର ବିକାଶ ହୋଇପାରିବ। ଏହି ଉତ୍ସବରେ ବିଧାୟକ ଜଗତସିଂହପୁର ଅମରେନ୍ଦ୍ର ଦାସ ଯୋଗଦେଇ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାମାନଙ୍କୁ ଅଧିକ କ୍ଷମତା ଦିଆଯାଇ ସେମାନଙ୍କୁ ଅର୍ଥନୈତିକ କ୍ଷେତ୍ରରେ ସ୍ୱାବଲମ୍ବୀ କରାଯାଇପାରୁଛି। ଦଳମତ ନିର୍ବିଶେଷରେ ସମସ୍ତଙ୍କ ନିକଟରେ ଜନ ହିତକର ଯୋଜନା ପହଞ୍ଚାଇବା ଆମର ଲକ୍ଷ୍ୟ ବୋଲି ସେ କହିଥିଲେ। ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଗାଁର ବିକାଶରେ ଦେଶ ବିକାଶ ସମ୍ଭବ ବୋଲି କହିଥିଲେ। ଏହି ଉତ୍ସବରେ ଜିଲ୍ଲାପାଳ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଜେ. ସୋନାଲ ପଞ୍ଚାୟତିରାଜ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ବିକାଶ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେ ସଭାରେ ଅଧ୍ୟକ୍ଷତା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ଯୋଜନାରେ ଶ୍ରେଷ୍ଠ କାର୍ଯ୍ୟଦକ୍ଷତା ପାଇଁ ବ୍ଲକ ଓ ଗ୍ରାମ ପଞ୍ଚାୟତମାନଙ୍କୁ ସମ୍ମାନିତ କରାଯାଇଛି। ରୁରାଲ୍ ହାଉସିଂ ଯୋଜନାରେ ବିରିଡି ବ୍ଲକ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଜଗତସିଂହପୁର ବ୍ଲକ ଦ୍ୱିତୀୟ ସ୍ଥାନରେ ରହିଛି। ମନରେଗା ଯୋଜନାରେ ବାଲିକୁଦା ବ୍ଲକ ପ୍ରଥମ ଏବଂ ଜଗତସିଂହପୁର ବ୍ଲକ ଦ୍ୱିତୀୟ ସ୍ଥାନ ପାଇଛି। ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଯୋଜନାରେ ରଘୁନାଥପୁର ବ୍ଲକ ପ୍ରଥମ ଏବଂ କୁଜଙ୍ଗ ବ୍ଲକ ଦ୍ୱିତୀୟ ସ୍ଥାନରେ ରହିଛି। ଜୀବିକା ମିଶନରେ ତିର୍ତ୍ତୋଲ ବ୍ଲକ ପ୍ରଥମ ଏବଂ ଜଗତସିଂହପୁର ବ୍ଲକ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଲକ୍ଷପତି ଦିଦି ସୃଷ୍ଟି ଯୋଜନାରେ ରଘୁନାଥପୁର ବ୍ଲକ (୯୦ପ୍ରତିଶତ ଟାର୍ଗେଟ୍ ପୂରଣ) କରି ପ୍ରଥମ ଏବଂ ବାଲିକୁଦା ବ୍ଲକ (୮୨ ପ୍ରତିଶତ ଟାର୍ଗେଟ୍ ପୂରଣ) କରି ଦ୍ୱିତୀୟ ସ୍ଥାନରେ ରହିଛି। 'ବିକଶିତ ଗାଁ ବିକଶିତ ଓଡ଼ିଶା' (କ୍ଷୁଦ୍ର ବିଭାଗ)ରେ ବିରିଡି ବ୍ଲକ ଓ ବୃହତରେକୁଜଙ୍ଗ ବ୍ଲକ ପ୍ରଥମ ସ୍ଥାନରେ ରହିଛି। ଶ୍ରେଷ୍ଠ ପଞ୍ଚାୟତ (ଓଏସ୍ଆର୍) ବିଭାଗରେ କୁଜଙ୍ଗ ବ୍ଲକ ଅଧୀନ ନୂଆଗାଁ ଗ୍ରାମପଞ୍ଚାୟତ ୨୦୨୫-୨୬ ଆର୍ଥିକ ବର୍ଷରେ ସର୍ବାଧିକ ଆଦାୟ (୧.୨୦ ଲକ୍ଷ ଟଙ୍କା) କରି ପ୍ରଥମ ସ୍ଥାନ ଅଧିକାର କରିଛି। ସର୍ବାଧିକ ବ୍ୟୟ କରିଥିବା ଶ୍ରେଷ୍ଠ ଗ୍ରାମ ପଞ୍ଚାୟତ ଭାବେ ଜଗତସିଂହପୁର ବ୍ଲକର ସମଙ୍ଗ ଗ୍ରାମପଞ୍ଚାୟତ ଚୟନ ହୋଇଛି। ଜଗତସିଂହପୁର ଜିଲ୍ଲାର ବିଭିନ୍ନ ବ୍ଲକର ଶ୍ରେଷ୍ଠ ଲକ୍ଷପତି ଦିଦି/ମହାଲକ୍ଷପତି ଦିଦି ମାନଙ୍କୁ ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ସମ୍ମାନ ପାଇଁ ଚୟନ କରାଯାଇଛି। ଚୟନିତ ଲକ୍ଷପତି ଦିଦିମାନେ ହେଲେ, ବାଲିକୁଦା ବ୍ଲକର ସଚଳା ପାତ୍ର, ବିରିଡି ବ୍ଲକର ରଶ୍ମିତା ସାହୁ, ଏରସମା ବ୍ଲକର ଉଷାରାଣୀ ମହାନ୍ତି, ଜଗତସିଂହପୁର ବ୍ଲକର ଗଙ୍ଗୋତ୍ରୀ ମଲ୍ଲିକ, କୁଜଙ୍ଗ ବ୍ଲକର ତିଲୋତ୍ତମା ମାଝୀ, ନାଉଗାଁ ବ୍ଲକ ର ସଞ୍ଜୁକ୍ତା ଦାସ, ରଘୁନାଥପୁର ବ୍ଲକର ବିଜୟଲକ୍ଷ୍ମୀ ମହାପାତ୍ର, ତିର୍ତ୍ତୋଲ ବ୍ଲକ ର ମମତା ପୁହାଣ। ଏହାସହିତ ଅନ୍ତ୍ୟୋଦୟ ଗୃହ ଯୋଜନାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଓ ସହାୟତା ରାଶି ପ୍ରଦାନ କରାଯାଇଥିଲା ଏହି କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ, ଡେପୁଟୀ ସିଇଓ ଓରମାସ, ବିଡିଓ ତିର୍ତ୍ତୋଲ ତଥା ଏପିଡି ଜିଲ୍ଲା ପରିଷଦ ଗିରିଜା ଶଙ୍କର ମଲ୍ଲିକ୍, ବିଡିଓ ଜଗତସିଂହପୁର ଆଶୁତୋଷ ମିଶ୍ର, ଜିଲ୍ଲା ପରିଷଦର ସମସ୍ତ କର୍ମକର୍ତ୍ତା, ଜଗତସିଂହପୁର ବ୍ଲକ କର୍ମଚାରୀ, ସହରର ବୁଦ୍ଧିଜୀବୀ, ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ ପ୍ରମୁଖ ଉପସ୍ଥିତ ଥିଲେ।

# ଆଇନ ସଚେତନତା ଶିବିର




ଢେଙ୍କାନାଳ, ୨୪।୪(ସମିସ): ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଭାପୁର ଦେବେନ୍ଦ୍ର ଶତପଥୀ ମେମୋରିଆଲ ମହାବିଦ୍ୟାଳୟରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଶୁଭଙ୍କର ମିଶ୍ର ଅଧକ୍ଷତା କରିଥିଲେ। କେଉଁମାନେ ମାଗଣାରେ ଆଇନ ସେବା ପାଇପାରିବେ, ବିଭିନ୍ନ ଅପରାଧର ଶିକାର ହେଉଥିବା ପୀଡ଼ିତଙ୍କୁ ପ୍ରାଧିକରଣ ତରଫରୁ ମିଳୁଥିବା ଅର୍ଥରାଶି ବିଷୟରେ ସେ ଆଲୋଚନା କରିବା ସହ ସେମାନେ କିପରି ତ୍ୱରିତ ନ୍ୟାୟ ପାଇପାରିବେ ତା' ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଗଣେଶ କୁମାର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ପୋକ୍ସୋ ତଥା ମହିଳାଙ୍କୁ କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ନିରୋଧ ଆଇନର ବିଭିନ୍ନ ଦିଗ ଉପରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ସହନିର୍ଦ୍ଦେଶିକା ମଧୁସ୍ମିତା ଦାସ ୨୦୨୪ ଜୁଲାଇ ୧ରୁ ଦେଶରେ କାର୍ଯ୍ୟକରୀ ହେଉଥିବା ୩ ନୂଆ ଆଇନ ଉପରେ ଅବଗତ କରାଇଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ଶଶ୍ମିରେଖା ସିଂହ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଭାରପ୍ରାପ୍ତ ଅଧକ୍ଷ ମାନସ ରଞ୍ଜନ ରାଉତ ଓ ଅଧ୍ୟାପିକା ଶୁଭଶ୍ରୀ ପଟ୍ଟନାୟକ ଛାତ୍ରଛାତ୍ରୀଙ୍କୁ ସାମ୍ପ୍ରତିକ ପରିସ୍ଥିତିରେ ଆଇନ ବିଷୟରେ ସମ୍ୟକ ଜ୍ଞାନ ରହିବା ଆବଶ୍ୟକ ବୋଲି କହିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, କର୍ମଚାରୀ, ଜିଲ୍ଲା ଆଇନସେବା ପ୍ରାଧିକରଣର କର୍ମଚାରୀ ଦୁଃଖବନ୍ଧୁ ସାହୁ ଓ ରାମଚନ୍ଦ୍ର ମାଇତି ସହଯୋଗ କରିଥିଲେ।

# ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

ଢେଙ୍କାନାଳ, ୨୪।୪(ସମିସ)



ସ୍ଥାନୀୟ ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟରରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଯୋଗଦେଇ ଗ୍ରାମାଞ୍ଚଳରେ ତୃଣମୂଳ ସ୍ତରର ଲୋକଙ୍କ ବିକାଶ ପାଇଁ ସମସ୍ତଙ୍କ ସହଯୋଗ କାମନା କରି ସମୃଦ୍ଧ ଜିଲ୍ଲା ଗଠନ ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ସୌଦାମିନୀ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ୨୦୨୫-୨୬ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଓ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଜିଲ୍ଲା ୬୧୨୬ ଗୃହ ନିର୍ମାଣ କରି ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରିଛି। ଏଥିପାଇଁ ବଲାଙ୍ଗିର ଗାନ୍ଧୀ ଷ୍ଟାଡ଼ିୟମରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀଙ୍କୁ ପୁରସ୍କୃତ କରିଛନ୍ତି। ୨୦୨୬-୨୭ ଆର୍ଥିକ ବର୍ଷରେ ଜିଲ୍ଲାରେ ୧୩୫୬ ଗୃହ ନିର୍ମାଣ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ଅବସରରେ ୩୧ ଜଣଙ୍କୁ ଗୃହ ନିର୍ମାଣ କାର୍ଯ୍ୟାଦେଶ ଓ ୪ ଜଣଙ୍କୁ ପ୍ରୋତ୍ସାହନ ରାଶି ଅତିଥିମାନେ ପ୍ରଦାନ କରିଥିଲେ। ଉତ୍ସବରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀଙ୍କ ପ୍ରତିନିଧି ଜ୍ଞାନରଞ୍ଜନ ନାୟକ, ସଦର ପଞ୍ଚାୟତ ସମିତି ଅଧକ୍ଷ କାଳିନ୍ଦୀ ଚରଣ ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଦର ବିଡିଓ ରାହୁଲ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଚୋରି ସାମଗ୍ରୀ ଉଦ୍ଧାର, ୪ ଗିରଫ

ଗଁଦିଆ, ୨୪।୪(ସମିସ): ଗଁଦିଆ ଥାନା ପୁଲିସ ଲକ୍ଷାଧିକ ଟଙ୍କାର ଚୋରି ସାମଗ୍ରୀ ଉଦ୍ଧାର କରିବା ସହ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗଁଦିଆ ଥାନା ବଣିଆପଡ଼ା ଗ୍ରାମର ଜଗନ ସାହୁ ଗଁଦିଆ ବସଷ୍ଟାଣ୍ଡ ଛକରେ କରିଥିବା ମୋଟର ୱାଇଣ୍ଡିଂ ଦୋକାନରୁ ଗତ ୧୬ ତାରିଖ ବିଳମ୍ବିତ ରାତିରେ ୧୦ କଏଲ୍ ତମ୍ବା ତାର



ଚୋରି ହୋଇଥିବା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ବେଳେ ଗଁଦିଆର ବିରଞ୍ଚି ମହାରଣାଙ୍କ ପୁଅ ବିମଳ ମହାରଣା (୩୬) କୁସିଦା ଗ୍ରାମର ପ୍ରସନ୍ନ ସାହୁଙ୍କ ପୁଅ କାହ୍ନୁଚରଣ ସାହୁ (୩୨)ଙ୍କୁ ଗିରଫ କରିଥିଲା। ସେମାନେ ନିଜ ଦୋଷ ସ୍ୱୀକାର କରିବା ସହ ଏହି ତମ୍ବା ତାରକୁ ଚିଉଲପୁର ଏବଂ ଭୁବନ କବାଡ଼ିଆ ଦୋକାନରେ ବିକ୍ରି କରିଥିବା କହିଥିଲେ। ପୁଲିସ ଚିଉଲପୁରରୁ ସଦର ଥାନା ଅନ୍ତର୍ଗତ ଗଦାଶିଳା ଗ୍ରାମର ବାଇଧର ସାହୁଙ୍କ ପୁଅ ରବିନାରାୟଣ ସାହୁ (୫୨)ଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୫ଟି ତାର ବଣ୍ଡଲ ଜବତ କରିଛି। ସେହିପରି ଭୁବନ ୭ ନଂ ୱାର୍ଡର ପଣ୍ଡିତ ବେହେରାଙ୍କ ପୁଅ ଡମ୍ବରୁଧର ବେହେରା (୫୫)ଙ୍କୁ ଗିରଫ କରିବା ସହିତ ତାଙ୍କଠାରୁ ୫ ବଣ୍ଡଲ ତମ୍ବାତାର ସହ ୩୪୦୦ ଟଙ୍କା, ଏକ ବଜାଜ ପଲସର ବାଇକ୍ ଜବତ କରିଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ମାମଲାରେ ସାମିଲ ଅନ୍ୟଜଣେ ଅଭିଯୁକ୍ତ ଫେରାର ଥିବା ପୁଲିସ ସୂଚନା ଦେଇଛି।

## ଢେଙ୍କାନାଳ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଜୋର ଧରିଲା

ଢେଙ୍କାନାଳ, ୨୪।୪(ସମିସ): ଢେଙ୍କାନାଳରେ ମେଡିକାଲ କଲେଜ ପ୍ରତିଷ୍ଠାକୁ ନେଇ ଜିଲ୍ଲା ବୁଦ୍ଧିଜୀବୀ ସଙ୍ଗଠନ ତରଫରୁ ପୁନର୍ବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନିକଟକୁ ଦାବିପତ୍ର ପଠାଯାଇଛି। ଜିଲ୍ଲାବାସୀଙ୍କୁ ବାରମ୍ବାର ସରକାର କେବଳ ଭାଷଣ ମାଧ୍ୟମରେ ପ୍ରତିଶ୍ରୁତି ଦେବା ବ୍ୟତିତ ଏହି କଲେଜ ପ୍ରତିଷ୍ଠା ଦିଗରେ କୌଣସି ଆନ୍ତରିକତା ଦେଖାଇବା ଓ କାର୍ଯ୍ୟକ୍ରମ ଗ୍ରହଣ କରିବା ଏଯାବତ ହୋଇପାରିଲା ନାହିଁ ବୋଲି ସଙ୍ଗଠନର ସଦସ୍ୟ ମାନେ ଅଭିଯୋଗ କରିଛନ୍ତି। ଗତବର୍ଷ ସେପ୍ଟେମ୍ବର ୩୦ରେ ମୁଖ୍ୟମନ୍ତ୍ରୀ କଲେଜର ଭିତିପ୍ରସ୍ତର ସ୍ଥାପନ କରିବେ ବୋଲି ସ୍ଥାନୀୟ ବିଧାୟକ ଗଣମାଧ୍ୟମ ଆଗରେ କହିଥିଲେ। ପୂର୍ବତନ ସରକାର ଜିଲ୍ଲା ବାସୀଙ୍କୁ ଏ ବିଷୟରେ ଅଣଦେଖା କରି ନିର୍ବାଚନ ହାରିଥିବା ସଙ୍ଗଠନ ତରଫରୁ ଦାବିପତ୍ରରେ ଜଣାଯାଇଅଛି। ସ୍ପେଶିଆଲିଷ୍ଟ ଚିକିତ୍ସା ଏବଂ ଆଶୁ ଚିକିତ୍ସା ଅଭାବରୁ ବିଶେଷ କରି ଦୁର୍ଘଟଣା ପିଡିତ ରୋଗୀ ଅକାଳରେ ମୃତ୍ୟୁ ବରଣ କରୁଛନ୍ତି। ଗରୀବ ଆଦିବାସୀ, ଦଳିତ, କୃଷକ, ଶ୍ରମିକ ଅର୍ଥାଭାବରୁ କଟକ, ଭୁବନେଶ୍ୱର ଯାଇ ରୋଗୀର ଚିକିତ୍ସା କରାଇ ପାରୁ ନାହାନ୍ତି। କବାକମାନଙ୍କ ଦ୍ୱାରା ଶୋଷିତ ହେଉଛନ୍ତି। କଲେଜ ପ୍ରତିଷ୍ଠା ନିମନ୍ତେ ୩-୪ ବର୍ଷ ସମୟ ଲାଗିବ ଏବଂ ପ୍ରାୟ ୭୦୦ କୋଟି ଅର୍ଥ ବ୍ୟୟ ହେବ। ସରକାର ଆଉ ବିଳମ୍ବ ନକରି କଲେଜ ପ୍ରତିଷ୍ଠା ଦିଗରେ କାର୍ଯ୍ୟକ୍ରମ ଆରମ୍ଭ କରନ୍ତୁ ବୋଲି ସଙ୍ଗଠନ ଦାବି କରିଛି। ସଭାପତି ପ୍ରଫେସର ଡାକ୍ତର ତୁଷାର କାନ୍ତି ନାୟକ, ଉପସଭାପତି ରୁଦ୍ର ପ୍ରକାଶ ଶରଣ, ସରୋଜ ସତପଥି, ସଦସ୍ୟ ବିନୟ କୁମାର ସାହୁ, ପୁଷ୍ପାଞ୍ଜଳି ପାଢ଼ୀ, ଗୀତା ସାମଲ ପ୍ରମୁଖ ଦାବି ପତ୍ରରେ ସ୍ୱାକ୍ଷର କରିଛନ୍ତି।

## ସାମ୍ବାଦିକଙ୍କ ବିୟୋଗରେ ପୂର୍ବତନ ସାଂସଦଙ୍କ ଶୋକ

ଢେଙ୍କାନାଳ, ୨୪।୪(ସମିସ): ଢେଙ୍କାନାଳର ବରିଷ୍ଠ ସାମ୍ବାଦିକ ଅମରେନ୍ଦ୍ର ଦାସଙ୍କ ବିୟୋଗରେ ପୂର୍ବତନ ସାଂସଦ ମହେଶ ସାହୁ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଅମରେନ୍ଦ୍ର ଜଣେ ମିଷ୍ଟଭାଷୀ, ମେଳାପି ଓ ଭଦ୍ରବ୍ୟକ୍ତି ଥିଲେ। ସେ ଜଣେ ଆଗଧାଡ଼ିର ସାମ୍ବାଦିକ ଥିଲେ ବୋଲି ସାହୁ ପ୍ରକାଶ କରିଛନ୍ତି। ତାଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହିତ ଏହି ଦୁଃଖ ସମୟରେ ପରିବାର ଲୋକଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥ ସହାୟ ହୁଅନ୍ତୁ ବୋଲି କାମାନା କରିଛନ୍ତି। ଅଂଶୁଘାତରେ ତାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହେଉଥିବା ବେଳେ ତାଙ୍କ ପରିବାରକୁ ସରକାର ସମସ୍ତ ସହାୟତା ଯୋଗାଇ ଦେବାକୁ ସାହୁ ଦାବି କରିଛନ୍ତି।

## ଜଳସେଚନ ପ୍ରକଳ୍ପ ସର୍ଭେ ଆରମ୍ଭ



ଗଁଦିଆ, ୨୪।୪(ସମିସ): ଗଁଦିଆ ଅଞ୍ଚଳରେ ଜଳସେଚନ ସମସ୍ୟା ସମାଧାନ ପାଇଁ ଶୁକ୍ରବାର ଜଳସମ୍ପଦ ବିଭାଗ ପକ୍ଷରୁ ସର୍ଭେ କାର୍ଯ୍ୟ ଆରମ୍ଭ କରାଯାଇଛି। ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ନିର୍ଦ୍ଦେଶରେ ବିଭାଗୀୟ ଉଚ୍ଚ ଅଧିକାରୀମାନେ ଦର, ଦୋମୁହାଣୀ ଓ ଘାଗଡ଼ା ଅଞ୍ଚଳରେ ନୂତନ ଜଳସେଚନ ପ୍ରକଳ୍ପ ସହ ଝୁମ୍ପାଣ ପ୍ରକଳ୍ପ ଓ ବେଗା ବୈଦ୍ୟକାଟେଣୀ କୁଆଁରିଆ ନାଳରେ ଥିବା କୁସବନ୍ଧ ପ୍ରକଳ୍ପର ପୁନରୁଦ୍ଧାର ପାଇଁ ସର୍ଭେ କାର୍ଯ୍ୟ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ବେଗା, ଲାଉଲାଇ, ଖାଙ୍କିରା, ଲେଥକା ଓ ରତନପୁର ପଞ୍ଚାୟତର ପ୍ରାୟ ୩୦୦୦ ହେକ୍ଟର ଜମି ଜଳସେଚିତ ହେବ। ସୂଚନାଯୋଗ୍ୟ, ଏହି ସମସ୍ୟାକୁ ନେଇ ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର ଦାସ ବାରମ୍ବାର ମନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କ ନଜରକୁ ଆଣିଥିଲେ। ତାଙ୍କର ଲଗାତର ପ୍ରୟାସ ଓ ଅଞ୍ଚଳବାସୀଙ୍କ ଦାବି ପରେ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି।

## ସାନହିନ୍ଦୋଳରେ ବାର୍ଷିକ ହରିମେଳା

ଖଜୁରିଆକଟା, ୨୪।୪(ସମିସ): ହିନ୍ଦୋଳ ଉପଖଣ୍ଡ ସାନହିନ୍ଦୋଳ ଗ୍ରାମରେ ବାର୍ଷିକ ହରିମେଳା ଗ୍ରାମ ଭଗବତ ମନ୍ଦିରରେ ଅନୁଷ୍ଠିତ ହୋଇଛି। ଭଗବତ ଗାଥାକୁ ସୁସଜ୍ଜିତ ବିମାନରେ ରଖି ଗ୍ରାମ ପରିକ୍ରମା କରାଯାଇଥିଲା। ମହିଳାମାନେ ନିଜ ଘର ସମ୍ମୁଖରେ ସୁନ୍ଦର



ଝୋଟି, ମୁରୁଜ ପକାଇବା ସହ କଳସ ସ୍ଥାପନ କରି ଶ୍ରୀଭାଗବତ ଗୋସାଇଁଙ୍କୁ ବନ୍ଦାପନା କରିଥିଲେ। ପରେ ମେଳା ମଣ୍ଡପରେ ବିମାନକୁ ରଖାଯାଇଥିଲା। ଗ୍ରାମର ନିତ୍ୟ ପୂଜକ ଅଜୟ କୁମାର ଆଚାର୍ଯ୍ୟ ପୂଜାର୍ଚ୍ଚନା କରିଥିବା ବେଳେ କର୍ତ୍ତା କ୍ଷୀରୋଦ ଚନ୍ଦ୍ର ପ୍ରଧାନ ଯଜ୍ଞରେ ଆହୁତି ଅର୍ପଣ କରିଥିଲେ। ଏହି ହରିମେଳାରେ ଗୁରିଲୋ, ରଞ୍ଜାଗୋଳ, ଖଜୁରିଆ, ବଙ୍ଗୁ, କନ୍ତିମିଲି, କୁକୁଟା, ଗୁଲେହୀ, ବାରୀହାରଗଡ଼ି, ନୂଆ ଓ ବାର୍ଶଙ୍ଗା ଆଦି ଗ୍ରାମର ୧୫ଟି ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ହରିନାମ ପରିବେଷଣ କରିଥିଲେ। ମଙ୍ଗରାଜ ପ୍ରଧାନ ସଂକୀର୍ତ୍ତନ ପରିଚାଳନା କରିଥିଲେ। ଗ୍ରାମ କମିଟି ସଭ୍ୟ ଶ୍ରୀରାମ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ବିମଳ ପ୍ରଧାନ, କବିରାଜ ପ୍ରଧାନ, ଅଭୟ ବିଶ୍ୱାଳ, ଗୋବିନ୍ଦ ବିଶ୍ୱାଳ, ସରୋଜ ବିଶ୍ୱାଳ, ମହୁର ସାହୁ, ନବକିଶୋର ପ୍ରଧାନ, ଟୁକୁନା ନାହକ, ଶୁଭେନ୍ଦୁ ସାହୁ ଓ ନାଥ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଧୂନିଘର ମଠ ମହନ୍ତ ମାଧବାନନ୍ଦ ଦାସ ମହାରାଜ, ସରପଞ୍ଚ ରମେଶ ଚନ୍ଦ୍ର ବିଶ୍ୱାଳ, ଡା. ଚୈତନ୍ୟ ସାହୁ, ବାସୁଦେବ ପ୍ରଧାନ, ବିରଞ୍ଚି ନାରାୟଣ ତ୍ରୀପାଠୀ, ମୁରଲୀ କିଶୋର ଜେନାମଣି, ଅନ୍ତର୍ଯ୍ୟାମୀ ସାହୁ, ପ୍ରଶାନ୍ତ ଜେନାମଣି, ମାନସ ମାଝୀ, ରବିନାରାୟଣ ବେହେରା, ପ୍ରଫୁଲ୍ଲ ଚନ୍ଦ୍ର ଦେହୁରୀ ଓ ତପନ ସାମଲ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପୂର୍ଣ୍ଣାହୁତି ପରେ ସାମୂହିକ ପ୍ରସାଦ ସେବନ ହୋଇଥିଲା।

## ୧୭ ବର୍ଷରୁ କମ୍ ର୍‍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ

## ୧୫୦ ଖେଳାଳିଙ୍କ ଅଂଶଗ୍ରହଣ






ଢେଙ୍କାନାଳ, ୨୪।୪(ସମିସ): ସ୍ଥାନୀୟ ବିଜୁ ପଟ୍ଟନାୟକ ଇନ୍‌ଡୋର ହଲରେ ୧୭ବର୍ଷରୁ କମ ରାଜ୍ୟସ୍ତରୀୟ ର୍‍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ପାଲଲହଡ଼ା ବିଧାୟକ ତଥା ଅନୁଗୋଳ ଜିଲ୍ଲା ଯୋଜନା କମିଟି ଅଧକ୍ଷ ଅଶୋକ କୁମାର ମହାନ୍ତି ଏହାକୁ ଉଦଘାଟନ କରିଥିଲେ। ବିଧାୟକଙ୍କ ସହ ପୌରାଧକ୍ଷା ଜୟନ୍ତୀ ପାତ୍ର, ପୂର୍ବତନ ବିଜେପି ଜିଲ୍ଲା ସଭାପତି ନରେଶ ମହାପାତ୍ର, ଓଏସବିଏର ଜୋନାଲ କୋଅର୍ଡିନେଟର ଅଜିତ ମହାନ୍ତି, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ସମୀର କୁମାର ଦାସ, ମୁଖ୍ୟ ରେଫରୀ ବିଜୟ କୁମାର ବାଗ, ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ସମ୍ପାଦକ ଟଙ୍କଧର ବେହେରା, କାର୍ଯ୍ୟକାରୀ ସଭାପତି ଅମିତ ରଞ୍ଜନ ଶତପଥୀ ଓ ବରିଷ୍ଠ ଖେଳାଳି ତଥା ଯୁବ ଉଦ୍ୟୋଗୀ ସୁଶାନ୍ତ କୁମାର ସାହୁ ମଞ୍ଚାସୀନ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ସମସ୍ତ ଜିଲ୍ଲାରୁ ୧୫୦ ଖେଳାଳି ଭାଗ ନେଇଛନ୍ତି। ଏହା ୩ଦିନ ଧରି ଚାଲିବ। ଟୁର୍ଣ୍ଣାମେଣ୍ଟର ଫଳାଫଳ ଅନୁଯାୟୀ ଖେଳାଳିମାନଙ୍କର ରାଜ୍ୟରେ ର୍‍ୟାଙ୍କିଙ୍ଗ ଚୟନ କରାଯିବ। ଟୁର୍ଣ୍ଣାମେଣ୍ଟକୁ ରଶ୍ମିପ୍ରକାଶ ପଟ୍ଟନାୟକ, ମାନସ କୁମାର ସାହୁ, ତାରେଣୀ ମାଝୀ, ଅଂଶ ମିତ୍ତଲ, ଅଂଶୁମାନ ମିଶ୍ର, ବ୍ରିଜେଶ ମିଶ୍ର ସୁଚାରୁରୂପେ ପରିଚାଳନା କରୁଛନ୍ତି।

## ଜନଗଣନା କର୍ମଚାରୀଙ୍କୁ ସୁରକ୍ଷା ପ୍ରଦାନ ଦାବି

କାମାକ୍ଷାନଗର, ୨୪।୪(ସମିସ): ଜନଗଣନା କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ସୁରକ୍ଷା ଯୋଗାଇ ଦେବାକୁ କାମାକ୍ଷାନଗର ନୂତନ ପେନସନ ଯୋଜନାଭୁକ୍ତ ଶିକ୍ଷକ ସଙ୍ଘ ତରଫରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଙ୍ଘ ସଭାପତି ବିଷ୍ଣୁପ୍ରସାଦ ଦାଶ ଓ ସମ୍ପାଦକ ଦୁର୍ଗାପ୍ରସାଦ ତ୍ରିପାଠୀଙ୍କ ନେତୃତ୍ୱରେ ବହୁ ଶିକ୍ଷକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ। ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲ୍ଲାପାଳ ଦୀପକ କୁମାର ମିଶ୍ର ଦାବିପତ୍ର ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ପ୍ରତାପସିନ୍ଧୁ ନାଏକ, କମଳ ଲୋଚନ ବେହେରା, ପୃଥ୍ୱୀରାଜ ପଟ୍ଟନାୟକ, ପ୍ରଶାନ୍ତ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ।



## ବିଦ୍ୟୁତପ୍ରଭା ଫାଉଣ୍ଡେସନ ପକ୍ଷରୁ ଖାଦ୍ୟ ବଣ୍ଟନ

କାମାକ୍ଷାନଗର, ୨୪।୪(ସମିସ): କାମାକ୍ଷାନଗର ସହରର ସାମାଜିକ ସଂଗଠନ 'ବିଦ୍ୟୁତପ୍ରଭା ଫାଉଣ୍ଡେସନ 'ତରଫରୁ ଅସହାୟ ଲୋକଙ୍କୁ ଖାଦ୍ୟବଣ୍ଟନ କରାଯାଇଛି। ଢେଙ୍କାନାଳ ଜିଲ୍ଲାର ଅନ୍ୟତମ ଶ୍ରେଷ୍ଠ ଶିକ୍ଷୟିତ୍ରୀ, କବୟିତ୍ରୀ, ଶିକ୍ଷକସଙ୍ଘର ନେତ୍ରୀ ତଥା ସମାଜସେବୀ ଭାବେ



ସୁପରିଚିତ ସ୍ୱର୍ଗତ ବିଦ୍ୟୁତପ୍ରଭା ଦେବୀଙ୍କ ଜନ୍ମଦିନ ଅବସରରେ ଏହି ଖାଦ୍ୟବଣ୍ଟନ କରାଯାଇଛି। ବିଦ୍ୟୁତପ୍ରଭା ଫାଉଣ୍ଡେସନର ଅଧକ୍ଷା ତଥା ଅଧ୍ୟାପିକା ଲିପସା ପ୍ରଧାନଙ୍କ ନେତୃତ୍ୱରେ ଫାଉଣ୍ଡେସନର ସଦସ୍ୟ ମାନେ କାମାକ୍ଷାନଗର ବ୍ଲକର ଗୁଣ୍ଡିଚାନାଳୀ ଗ୍ରାମରେ ପହଞ୍ଚି ଗରିବ ଓ ଅସହାୟ ଲୋକଙ୍କୁ ଖାଦ୍ୟବଣ୍ଟନ କରିଛନ୍ତି। ଏଠାରେ ସ୍ଥାନୀୟ ବାସିନ୍ଦାଙ୍କୁ ଚାଉଳ, ଅଟା, ବିସ୍କୁଟ ଓ ଅସହ୍ୟ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଗ୍ଲୁକୋଜ ବଣ୍ଟନ କରାଯାଇଛି। ବିଦ୍ୟୁତପ୍ରଭା ଫାଉଣ୍ଡେସନର ସମ୍ପାଦକ ହୃଦୟବଲ୍ଲଭ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଦସ୍ୟ ସୁମନ୍ତ ଜେନା, ସଙ୍ଗୀତା ମିଶ୍ର, ଖୁସାଲ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଖାଦ୍ୟ ବଣ୍ଟନରେ ସହଯୋଗ କରିଥିଲେ।

## ଡିପିଏସ୍‌ର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା




ଢେଙ୍କାନାଳ, ୨୪।୪(ସମିସ): ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଦିଲ୍ଲୀ ପବ୍ଲିକ ସ୍କୁଲ (ଡିପିଏସ୍)ର ଛାତ୍ରଛାତ୍ରୀଙ୍କ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସ୍ଥାନୀୟ ସୂର୍ଯ୍ୟ ମଣ୍ଡପରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ସ୍କୁଲ ଅଧକ୍ଷ ସୁବ୍ରମଣ୍ୟ କୁମାର ଶ୍ରୀପଦ ଯୋଗଦେଇଥିଲେ। ଜିଲ୍ଲାରେ ସର୍ବାଧିକ ନମ୍ବର ରଖିଥିବା ଶ୍ରୀୟାଶିଳ୍ପୀ ସାହୁ (୯୯ ପ୍ରତିଶତ)ଙ୍କ ସମେତ ୪୫ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ସ୍କୁଲର ସୁନାମ ବଢ଼ାଇଛନ୍ତି। ମୁଖ୍ୟଅତିଥି ସମସ୍ତ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟ ସ୍କୁଲରୁ ଆସିଥିବା ଅନେକ ଛାତ୍ରଛାତ୍ରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍କୁଲର ପ୍ରୋ ଭାଇସ ଚେୟାରମ୍ୟାନ ବିନୋଦ ଦାଶ, ନିର୍ଦ୍ଦେଶକ ଡ. ଲଗ୍ନଜିତ ଦାଶଙ୍କ ମାର୍ଗଦର୍ଶନ ଓ ପ୍ରଶାସନିକ ଅଧିକାରୀ ମାନସ କୁମାର ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷୟିତ୍ରୀ ଲୀଳା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଅନ୍ତ୍ୟୋଦୟ ଗୃହ ବଣ୍ଟନରେ ଦୁର୍ନୀତି ଅଭିଯୋଗ

ହିନ୍ଦୋଳ, ୨୪।୪(ସମିସ)

- ରାଜନୈତିକ ଚାପରେ ହେଲା ଗୃହ ବଣ୍ଟନ
- ପ୍ରତି ପଞ୍ଚାୟତରେ ଏଜେଣ୍ଟ ରଖି ଟଙ୍କା ଆଦାୟ
- ପ୍ରକୃତ ହିତାଧିକାରୀ ହୋଇପାରିଲେନି ଉପକୃତ




ଦୀର୍ଘ ବର୍ଷ ପରେ ରାଜ୍ୟରେ ସରକାର ବଦଳିଲା। ବିଜେପି ଶାସନ କ୍ଷମତା ଦଖଲ କଲା। ତେବେ ସରକାର ଆସିବା ପୂର୍ବରୁ ଦୁର୍ନୀତିକୁ ମୂଳୋତ୍ପାଟନ କରିବେ ବୋଲି ବିଜେପି ପ୍ରତିଶ୍ରୁତି ଦେଇଥିବା ବେଳେ ହିନ୍ଦୋଳ ବ୍ଲକରେ ବିଭିନ୍ନ ବିଭାଗରେ ଦୁର୍ନୀତି ୨ ଗୁଣ ବଢ଼ିଯାଇଛି। ବିଗତ ଦିନରେ ଉପଖଣ୍ଡର ବିଭିନ୍ନ ଗ୍ରାମାଞ୍ଚଳରେ ପାଇଖାନା ନିର୍ମାଣ କରା ନ ଯାଇ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ କରାଯାଇଛି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ହୋଇଆସୁଥିବା ବେଳେ ରାଜନୈତିକ ଚାପରେ ଏହାର ତଦନ୍ତ ଏପର୍ଯ୍ୟନ୍ତ ହୋଇପାରିଲା ନାହିଁ। ସେହିପରି ୬୦ ବର୍ଷୀୟ ଲୋକଙ୍କୁ ୮୫ ବର୍ଷ ଦର୍ଶାଇ ୩୫ ଶହ ଟଙ୍କା ଭତ୍ତା ଦିଆଯାଉଛି। ଏଥିପାଇଁ ମଧ୍ୟ ମୋଟା ଅଙ୍କର ଟଙ୍କା କାରବାର କରାଯାଇଥିବା ଅଭିଯୋଗ ହେଉଛି। ଏବେ ବ୍ଲକରେ ୨୭୦ଟି ଅନ୍ତ୍ୟୋଦୟ ଗୃହ ବଣ୍ଟନ ନିମନ୍ତେ ତାଲିକା କରାଯାଇଛି। ତେବେ ଏ ସମ୍ପର୍କରେ କୌଣସି ହିତାଧିକାରୀଙ୍କୁ ସୂଚନା ଦିଆଯାଇ ନାହିଁ। ଗ୍ରାମାଞ୍ଚଳର ଗରିବ, ଅସହାୟ, ବିଧବା, ବିକଳାଙ୍ଗ, ଅଗ୍ନିବିପନ୍ନ, ହାତୀ ଘର ଭାଙ୍ଗିଥିବା ହିତାଧିକାରୀଙ୍କୁ ଅଗ୍ରାଧିକାର ଭିତ୍ତିରେ ଅନ୍ତ୍ୟୋଦୟ ଗୃହ ବଣ୍ଟନ କରାଯିବାକୁ ସରକାରୀ ନିୟମ ଥିବା ବେଳେ ହିନ୍ଦୋଳ ବ୍ଲକରେ ଏହାର ସମ୍ପୂର୍ଣ୍ଣ ଓଲଟା ଦେଖିବାକୁ ମିଳିଛି। କେଉଁଦିନ ଅନ୍ତ୍ୟୋଦୟ ଗୃହ ବଣ୍ଟନ କରାଯିବ, କେଉଁ ହିତାଧିକାରୀ ଗୃହ ପାଇବା ପାଇଁ ଆବେଦନ କରିବେ ତାହାର ସୂଚନା କୌଣସି ପଞ୍ଚାୟତରେ ଦିଆଯାଇନାହିଁ। ବ୍ଲକର ଜଣେ ଅଧିକାରୀଙ୍କ ଜରିଆରେ ବିଭିନ୍ନ ପଞ୍ଚାୟତରେ ଏଜେଣ୍ଟ ରଖି ମୋଟା ଅଙ୍କର ଟଙ୍କା ଆଦାୟ କରାଯାଇ ହିତାଧିକାରୀ ଚୟନ କରାଯାଇଥିବା ସାଧାରଣରେ ଅଭିଯୋଗ ହେଉଛି। ରାଜନୈତିକ ଚାପରେ କିଛି ହିତାଧିକାରୀ ଚୟନ କରାଯାଇଥିବା ବେଳେ ପ୍ରକୃତ ହିତାଧିକାରୀଙ୍କୁ ଏହି ଯୋଜନାରୁ ବାଦ ଦିଆଯାଇଛି।

ଉପଖଣ୍ଡ ୮ ପଞ୍ଚାୟତକୁ ଏହି ଯୋଜନାରୁ ସମ୍ପୂର୍ଣ୍ଣ ବାଦ ଦିଆଯାଇଛି। ନୂଆବଗ ପଞ୍ଚାୟତର ପ୍ରକୃତ ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ନ ଥିବା ଅଭିଯୋଗ ହୋଇଛି। ମାସକ ପୂର୍ବରୁ ନୂଆବଗ ଗ୍ରାମର ୪ ଜଣଙ୍କ ଘର ସମ୍ପୂର୍ଣ୍ଣ ପୋଡ଼ି ଯାଇଥିବା ବେଳେ ଏବେ ବି ବିପନ୍ନ ପରିବାର ଖୋଲା ଆକାଶ ତଳେ ଜରି ପାଲ ଘୋଡ଼ାଇ ପଡ଼ିରହିଛନ୍ତି। ଗ୍ରାମକୁ ଖୋଦ ବିଧାୟିକା ଓ ଅନ୍ୟ ରାଜନୈତିକ ବ୍ୟକ୍ତି ଯାଇ ବିପନ୍ନଙ୍କୁ ଖୁବଶୀଘ୍ର ଆନ୍ତ୍ୟୋଦୟ ଗୃହ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏହି ତାଲିକାରେ ସେମାନଙ୍କୁ ଅନର୍ଭୁକ୍ତ କରାଯାଇନାହିଁ। ନୂଆବଗ ପଞ୍ଚାୟତର ଫୁଲ ସାହୁ (୮୦)ଙ୍କ ଘର ୩ ବର୍ଷ ପୂର୍ବରୁ ପୋଡ଼ିଯାଇଥିଲା। ଘରଟିଏ ପାଇବା ପାଇଁ ବ୍ଲକରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ତାଙ୍କୁ ଏହି ଯୋଜନାରେ ଘର ମିଳିପାରିଲା ନାହିଁ। ସେହିପରି ସରାସିଙ୍ଗି ଗ୍ରାମର ଜାହାଜ ଦେହୁରି ସମ୍ପୂର୍ଣ୍ଣ ନିଃସହାୟ ବିକଳାଙ୍ଗ। ୨ ବର୍ଷ ପୂର୍ବରୁ ହାତୀ ଆକ୍ରମଣରେ ତାଙ୍କର ଦୁଇ ଗୋଡ଼ ଭାଙ୍ଗିଯାଇଛି। ପରିବାର ପକ୍ଷରୁ ଘରଟିଏ ପାଇଁ ବିଡିଓଙ୍କୁ ଗୁହାରି କରିବା ପରେ ମଧ୍ୟ ତାଙ୍କୁ ଘର ମିଳିନାହିଁ। ବ୍ଲକର ଜଣେ ଅଧିକାରୀ ଘର ପାଇଁ ଆମକୁ ଟଙ୍କା ମାଗିଲେ, ଆମେ ଟଙ୍କା ଦେଇ ନ ପାରିବାରୁ ଘର ମିଳିପାରିଲା ନାହିଁ ବୋଲି ଜାହାଜଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ନୂଆବଗ ପଞ୍ଚାୟତରେ ୩ ବଖରା ଲେଖାଏଁ ପକ୍କା ଘରଥିବା ଲୋକଙ୍କୁ ଗୃହ ବଣ୍ଟନ କରାଯାଇଛି। ଏ ସମ୍ପର୍କରେ ହିନ୍ଦୋଳ ବିଡିଓଙ୍କୁ ପଚାରିବାରୁ ସେ କୁହନ୍ତି ଅନ୍ତ୍ୟୋଦୟ ଗୃହ ନିମନ୍ତେ ବ୍ଲକ ପକ୍ଷରୁ କୌଣସି ପଞ୍ଚାୟତରେ କୌଣସି ସୂଚନା ଆମେ ଦେଇନାହୁଁ। କେବଳ ୩୭ଟି ତାଲିକା ଅଭିଯୋଗ ଶୁଣାଣିରୁ ଆସିଥିଲା। ଆଉ ୨୩୮ଟି ଘର ବିଧାୟିକାଙ୍କ ସୁପାରିସରେ ଆମ୍ଭେ ଦେଇଛୁ ବୋଲି ସେ କହିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କଲେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ମତ ପ୍ରକାଶ ପାଇଛି।

## ୨୭ରେ ଗଁଦିଆରେ ଜନ ଶୁଣାଣି ଶିବିର

ଢେଙ୍କାନାଳ, ୨୪।୪(ସମିସ): ଏପ୍ରିଲ ୨୭ ତାରିଖ ଗଦିଆ ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଶିବିରରେ ଜିଲ୍ଲାପାଳ, ଏସ୍‌ପି ଓ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣାଣି କରିବେ। ଯଦି କୌଣସି ଆପତ୍ତି ଅଭିଯୋଗ ଥାଏ ତେବେ ପଞ୍ଜୀକରଣ କରି ଅଭିଯୋଗ କରିପାରିବେ ବୋଲି ଜଣାଇ ଦିଆଯାଉଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏହି ଜନ ଶୁଣାଣି ଶିବିର ପୂର୍ବାହ୍ନ ୭ଟାରୁ ୧୦ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

## ସାମ୍ବାଦିକ ଅମରେନ୍ଦ୍ର ଦାସଙ୍କ ପରଲୋକ



ଢେଙ୍କାନାଳ, ୨୪।୪(ସମିସ): ବରିଷ୍ଠ ସାମ୍ବାଦିକ ତଥା ପୂର୍ବତନ ବିଜେପି ନେତା ଅମରେନ୍ଦ୍ର ଦାସଙ୍କର ଶୁକ୍ରବାର ପରଲୋକ ଘଟିଛି। ଅମରେନ୍ଦ୍ର ଛାତ୍ର ଜୀବନରୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଜଣେ ପ୍ରମୁଖ ଛାତ୍ରନେତା ଭାବେ ନିଜ ଶ୍ରେଷ୍ଠତା ପ୍ରତିପାଦନ କରି ପରେ ବିଜେପି ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଥିଲେ। ସେ ବିଜେପିର ଜଣେ ସଙ୍ଗଠକ ଥିଲେ। ପରବର୍ତ୍ତୀ ସମୟରେ ସାମ୍ବାଦିକତା କ୍ଷେତ୍ରକୁ ଆସି ନିଜ ଶ୍ରେଷ୍ଠତା ପ୍ରତିପାଦନ କରିଥିଲେ। ଦୀର୍ଘବର୍ଷ ପର୍ଯ୍ୟନ୍ତ ସେ ସାମ୍ବାଦିକତା କ୍ଷେତ୍ରରେ କାର୍ଯ୍ୟ କରି ତୃଣମୂଳ ସ୍ତରର ଲୋକଙ୍କ ସ୍ୱର ପାଲଟିଥିଲେ। ତାଙ୍କ ବିୟୋଗରେ ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି। ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସାଂସଦ ରୁଦ୍ରନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା, ପୂର୍ବତନ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପୌରାଧକ୍ଷା ଜୟନ୍ତୀ ପାତ୍ର, ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର, ପୂର୍ବତନ ମିଡିଆ ସେଲ ପ୍ରଭାରୀ ନବକିଶୋର ଗୁରୁ, ଜିଲ୍ଲା ସାଧାରଣ ସମ୍ପାଦକ ମାତୃପ୍ରସାଦ ନନ୍ଦ, ବିଷ୍ଣୁପ୍ରସାଦ ଲେଙ୍କା, ରାଷ୍ଟ୍ରୀୟ ପରିଷଦ ସଭ୍ୟ ପ୍ରେମାନନ୍ଦ ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନୀଲ ଶର୍ମା, ଜିଲ୍ଲା ଉପସଭାପତି ନିରୋଦ କୁମାର ସାହୁ, ଯୁବନେତା ସତ୍ୟରଞ୍ଜନ ଭୂୟାଁ, ପୂର୍ବତନ ରାଷ୍ଟ୍ରୀୟ ପରିଷଦ ସଭ୍ୟ ପବିତ୍ର କୁମାର ବିଶ୍ୱାଳ ପ୍ରମୁଖ ତାଙ୍କ ବିୟୋଗରେ ଶୋକ ପ୍ରକଟ କରି ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ସାଂସଦ ରୁଦ୍ରନାରାୟଣ ପାଣି, ବିଧାୟକ ବିଭୂତି ଭୂଷଣ ପ୍ରଧାନ, ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର, ନରେଶ ଚନ୍ଦ୍ର ମହାପାତ୍ର, ନବକିଶୋର ଗୁରୁ ଓ ମାତୃପ୍ରସାଦ ନନ୍ଦ ଅମରେନ୍ଦ୍ରଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ।

